ଏ ସଂଖ୍ୟାରେ...


ପୃଷ୍ଠା

ବିଶେଷ କଥନ
ଔଷଧୀୟ ବୃକ୍ଷ ଚାଷ : ଗତି ଓ ପ୍ରଗତି ୩

ସଫଳ କାହାଣୀ
ଉଦ୍ୟମ ବଳେ ସର୍ବସିଦ୍ଧି-
ବନଜାତ ଦ୍ରବ୍ୟର ବିକ୍ରିବଟାରେ ମହିଳା ୬

ନୀତି ସମୀକ୍ଷା
ଜଙ୍ଗଲକ୍ଷେତ୍ର ଭବିଷ୍ୟ ଦୃଷ୍ଟିରେ ଅଣକାଷ୍ଠ ବନଜାତ
ଦ୍ରବ୍ୟ- ଏକ ଦୃଷ୍ଟିପାତ ୭

ଚାଷବାସ
ଭାନିଲା ଚାଷ ୮

ସଭା ସମିତି
"ଜାତୀୟ ବନ କମିଶନ"ଙ୍କ ସହ ଆୟୋଜିତ
ସଭାରେ ଲଘୁ ବନଜାତ ଦ୍ରବ୍ୟ ସଂପର୍କରେ ଆଲୋଚନା ୧୦

ଅଣକାଷ୍ଠ ବନଜାତ ଦ୍ରବ୍ୟର ସୁପରିଚାଳନା ନିମନ୍ତେ
କର୍ମଶାଳାରେ ବିଧାୟକମାନଙ୍କ ମତାମତ ୧୧

ଖବରକାଗଜ ପୃଷ୍ଠାରୁ ୧୨

ଘରୋଇ ଚିକିତ୍ସା
ବାସଙ୍ଗ ବୃକ୍ଷର ଔଷଧୀୟ ଗୁଣ ୧୪

ତଥ୍ୟ କିଞ୍ଚିତ୍
ଅଣକାଷ୍ଠ ବନଜାତ ଦ୍ରବ୍ୟର ବଜାର ଦର ୧୫


## ପାଠକ ପାଠିକାମାନଙ୍କୁ ପଦେ...

'ଝାର୍‌ଦରବ୍' ର ପ୍ରକାଶନ ସଂପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ପଠନଯୋଗ୍ୟ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ , ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ ଏହି ପତ୍ରିକା ମାଧମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ । ଆପଣଙ୍କ ସହଯୋଗ ଅପେକ୍ଷାରେ...

ସଂପାଦନାମଣ୍ଡଳୀ

## ସମ୍ପାଦକୀୟ...

ପ୍ରାକ୍-ଐତିହାସିକ ଯୁଗରୁ ମଣିଷ ସୁସ୍ଥ ଓ ନିରାମୟ ଜୀବନଯାପନ ନିମନ୍ତେ ବଣ ଜଙ୍ଗଲରୁ ମିଳୁଥିବା ଚେରମୂଳ, ତାଳପତ୍ର,ଫଳଫୁଲ, ଛେଲି ବକ୍କଳ, ମଞ୍ଜି ଆଦି ଉପରେ ନିର୍ଭର କରି ଆସୁଅଛି । ଆମର ପୁରାଣ ଶାସ୍ତ୍ର, ବେଦ ଉପନିଷଦରେ ଏହିଭଳି ଚିକିତ୍ସାର ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ । ପ୍ରଥମେ ପ୍ରଥମେ ଲୋକମାନେ ନିଜର ବ୍ୟବହାର ନିମନ୍ତେ ଏହି ବନଜାତ ଦ୍ରବ୍ୟଗୁଡ଼ିକୁ ବଣ ଜଙ୍ଗଲରୁ ସଂଗ୍ରହ କରୁଥିଲେ । କାଳକ୍ରମେ ଲୋକସଂଖ୍ୟାର ବୃଦ୍ଧି ଓ ସଭ୍ୟତାର ଉନ୍ନତି ସଙ୍ଗେ ସଙ୍ଗେ ଏହି ଦ୍ରବ୍ୟସବୁ ବ୍ୟବସାୟିକ ଭିତ୍ତିରେ ସଂଗୃହିତ ହେଲା । ଫଳରେ କ୍ରମଶଃ ଜଙ୍ଗଲ ଉପରେ ଚାପ ବୃଦ୍ଧି ପାଇବାକୁ ଲାଗିଲା ।

ଯଦିଓ ପୂର୍ବରୁ କିଛି ବୈଦ୍ୟ ଓ ଆୟୁର୍ବେଦ ଚିକିତ୍ସକ ଚିକିତ୍ସା ନିମନ୍ତେ କିଛି କିଛି ଔଷଧୀୟ ବୃକ୍ଷ ସେମାନଙ୍କ ବାରିରେ ଚାଷ କରୁଥିଲେ, କିନ୍ତୁ ଗତ କିଛି ବର୍ଷ ହେଲା ବଜାର ଚାହିଦାକୁ ଚାହିଁ ଔଷଧୀୟ ବୃକ୍ଷ ଚାଷ ଉପରେ ଗୁରୁତ୍ୱ ଅଧିକ ବଢ଼ିଯାଉଛି । ଅନେକ ଏହି ଚାଷ କରିବାକୁ ଆଗେଇ ଆସିଛନ୍ତି । ଔଷଧୀୟ ବୃକ୍ଷଚାଷକୁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଯାଉଛି ।

ଏସବୁ ସତ୍ତ୍ୱେ ଔଷଧୀୟ ବୃକ୍ଷର ଚାଷ ସହ ଜଡ଼ିତ ଅନେକ ଚାଷୀ ଏହାର ଚାଷ, ଆର୍ଥିକ ଓ ବୈଷୟିକ ସହାୟତା, ବଜାର ସ୍ଥିତି ସମ୍ବନ୍ଧରେ ଆବଶ୍ୟକୀୟ ସୂଚନାର ଅଭାବରୁ ଅନିଶ୍ଚିତତା ମଧ ଦେଇ ଗତି କରୁଛନ୍ତି ।

ଉପରୋକ୍ତ ବିଷୟକୁ ବିବେଚନା କରି "ଝାରଦରବ"ର ଚଳିତ ସଂଖ୍ୟାରେ ଆମେ ଏହି ବିଷୟରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରିଅଛୁ । ଏହା ଔଷଧୀୟ ବୃକ୍ଷ ଚାଷୀଙ୍କର ଉପକାରରେ ଲାଗିଲେ ଆମର ଉଦ୍ୟମ ସଫଳ ହେଲା ବୋଲି ଜାଣିବୁ ।

ଆପଣଙ୍କର ସୁଚିନ୍ତିତ ମତାମତ ଆମର କାମ୍ୟ ।

ସଂପାଦକ

# ଔଷଧୀୟ ବୃକ୍ଷ ଚାଷ : ଗତି ଓ ପ୍ରଗତି

*"ଯୋ ଦେବୋଽଗ୍ନୌ ଯୋ'ଽପସୁ ଯୋ' ବିଶ୍ୱଂଭୁବନା ବିବେଶ ।*
*ଯ ଔଷଧୀଷୁ ଯୋବନସ୍ପତିଷୁ ତସ୍ମୈ ଦେବାୟ ନମୋ ନମଃ"।*

*(ଶ୍ୱେତା ଶ୍ୱେତରୋପନିଷଦ୍)*

*ଯେଉଁ ପରମାତ୍ମା ଅଗ୍ନିରେ, ଜଳରେ, ସମଗ୍ର ବିଶ୍ୱଲୋକରେ, ଔଷଧରେ ଓ ବନସ୍ପତିରେ ବିଦ୍ୟମାନ ଅଛନ୍ତି ସେହି ପରମାତ୍ମାଙ୍କୁ ପ୍ରଣାମ ।*

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ଅଧିକାଂଶ ଲୋକ ସେମାନଙ୍କର ପ୍ରାଥମିକ ଚିକିତ୍ସା ନିମନ୍ତେ ବୃକ୍ଷଲତାରୁ ମିଳୁଥିବା ପାରମ୍ପରିକ ଔଷଧ ଉପରେ ନିର୍ଭର କରନ୍ତି । ଭାରତ- ବର୍ଷର ଜଙ୍ଗଲରେ ବିବିଧ ପ୍ରକାର ଔଷଧୀୟ ବୃକ୍ଷଲତା ଦେଖିବାକୁ ମିଳିଥାଏ । ଜଙ୍ଗଲରୁ ମିଳୁଥିବା ଏହି ଔଷଧୀୟ ବୃକ୍ଷ୍ୟଗୁଡ଼ିକ ମୁଖ୍ୟତଃ ଆୟୁର୍ବେଦ, ସିଦ୍ଧ, ୟୁନାନୀ ଓ ହୋମିଓପାଥି ଔଷଧ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହୋଇଥାଏ । ଆବଶ୍ୟକ ମାତ୍ରାର ୯୦ ପ୍ରତିଶତ ଜଙ୍ଗଲରୁ ମିଳିଥାଏ । କାଳକ୍ରମେ ଜଙ୍ଗଲରୁ ଏହି ଗଛଗୁଡ଼ିକ ଲୋପ ପାଇ ଯିବାରେ ଲାଗଛନ୍ତି । ଜଙ୍ଗଲରେ ବଢୁଥିବା ଏହି ଗଛଗୁଡ଼ିକର ସଂରକ୍ଷଣ ଓ ଆବଶ୍ୟକୀୟ ଚାହିଦା ପୂରଣ ନିମନ୍ତେ ଔଷଧୀୟ ବୃକ୍ଷର ଚାଷ ହିଁ ଏକମାତ୍ର ବିକଳ୍ପ ଭାବେ ଉଭା ହୋଇଛି ।

## ସଂସ୍ଥାଗତ ବ୍ୟବସ୍ଥା

ଔଷଧୀୟ ବୃକ୍ଷର ଚାଷ ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥିବାସତ୍ତ୍ୱେ, ଏହି କ୍ଷେତ୍ର ମୁଖ୍ୟତଃ ଅବ୍ୟବସ୍ଥିତ ଥିଲା । ଏଣୁ ଏହି ଔଷଧୀୟ ବୃକ୍ଷର ଚାଷ ଓ ବ୍ୟବସାୟ ସହିତ ଜଡିତ ସମସ୍ତ ଚାଷୀ, ସଂଗ୍ରହକାରୀ, ପ୍ରକ୍ରିୟାକରଣ ଶିଳ୍ପ ଗୋଷ୍ଠୀ, ବ୍ୟବସାୟୀ, ରପ୍ତାନୀକାରୀ ଓ ଅନ୍ୟମାନଙ୍କୁ ବ୍ୟବସ୍ଥିତ କରି ସମସ୍ତଙ୍କ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ କରିବା ନିମନ୍ତେ ଏକ ସଂସ୍ଥାର ଆବଶ୍ୟକତା ଅନୁଭୂତ ହେଲା । ଏହି ଉଦ୍ୟମରୁ ୨୦୦୦ ମସିହା ନଭେମ୍ବର ମାସରେ ଜନ୍ମ ନେଲା ଜାତୀୟ ଔଷଧୀୟ ବୃକ୍ଷ ବୋର୍ଡ (ନ୍ୟାସନାଲ୍ ମେଡିସିନାଲ୍ ପ୍ଲାଣ୍ଟ ବୋର୍ଡ) ଏବଂ ଏହି ଜାତୀୟ ବୋର୍ଡର ଉଦ୍ୟମରେ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଗୋଟିଏ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ (ଷ୍ଟେଟ୍ ମେଡିସିନାଲ୍ ପ୍ଲାଣ୍ଟ ବୋର୍ଡ) ଗଠନ କରାଗଲା । ଓଡ଼ିଶା ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ସେହି ବୋର୍ଡମାନଙ୍କ ମଧ୍ୟରେ ଅନ୍ୟତମ । ୨୦୦୨ ମସିହା ମାର୍ଚ୍ଚ ୮ ତାରିଖ ଓ ଅକ୍ଟୋବର ୭ ତାରିଖରେ ହୋଇଥିବା ପ୍ରସ୍ତାବ (ରିଜୋଲ୍ୟୁସନ୍) ଅନୁସାରେ ଏହି ବୋର୍ଡ ଗଠନ ହେଲା । ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକା ଅନୁସାରେ ରାଜ୍ୟ ଔଷଧୀୟ ବୋର୍ଡଗୁଡ଼ିକ ବିଭିନ୍ନ ବିଭାଗଗୁଡ଼ିକ ମଧ୍ୟରେ ଯୋଗ ସୂତ୍ର ରକ୍ଷା କରିବା ସହିତ ଚିରନ୍ତନ ଅମଳକୁ ନିଶ୍ଚିତ କରିବେ ଏବଂ ବଜାର ବ୍ୟବସ୍ଥା ବୃଦ୍ଧି ନିମନ୍ତେ ପ୍ରଚେଷ୍ଟା କରିବେ ।

## ରାଜ୍ୟ ଔଷଧୀୟ ବୋର୍ଡର ମୁଖ୍ୟ ଉଦ୍ଦେଶ୍ୟ

କ) ନୀତି ଓ କାର୍ଯ୍ୟଧାରା ନିମନ୍ତେ ଜାତୀୟ ଔଷଧୀୟ ବୃକ୍ଷବୋର୍ଡ ସହ ଯୋଗାଯୋଗ କରିବା ।

ଖ) ବିଭିନ୍ନ ବିଭାଗ / ଗବେଷଣା ଅନୁଷ୍ଠାନ / ଅନ୍ୟାନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ସହ ଯୋଗସୂତ୍ର ରକ୍ଷା କରିବା ।

ଗ) ଔଷଧୀୟ ବୃକ୍ଷଗୁଡ଼ିକର ଚିହ୍ନଟ, ପୁନର୍ଜନନ ଓ ଅମଳ ପ୍ରକ୍ରିୟାକୁ ସୁଦୃଢ଼ କରିବା ।

ଘ) ଔଷଧୀୟ ବୃକ୍ଷର ଜନନପ୍ରକ୍ରିୟା ସମ୍ବନ୍ଧିତ ତଥ୍ୟ ଓ ସମ୍ବଳ ସବୁର ସଂରକ୍ଷଣକୁ ନିଶ୍ଚିତ କରିବା ।

ଙ) ଔଷଧୀୟ ବୃକ୍ଷର ଉତ୍ପାଦଗୁଡ଼ିକର ଚାଷ, ଗୋଦାମକରଣ ଓ ବ୍ୟବସାୟ ନିମନ୍ତେ ସୁଯୋଗ ସୃଷ୍ଟି କରିବା ।

ଚ) ଔଷଧୀୟ ବୃକ୍ଷର ସଂରକ୍ଷଣ ନିମନ୍ତେ ଜାଗରୁକତା ସୃଷ୍ଟି କରିବା ।

ଛ) ଜାତୀୟ ଔଷଧୀୟ ବୃକ୍ଷ ବୋର୍ଡ ଦ୍ୱାରା ଅନୁଦାନ ମିଳିବାକୁ ଥିବା ଯୋଜନା ପ୍ରସ୍ତାବଗୁଡ଼ିକ ଅନୁମୋଦନ କରିବା ।

ଜ) ଉତ୍ପାଦନକାରୀ ଓ ବ୍ୟବସାୟୀମାନଙ୍କ ମଧ୍ୟରେ ଯୋଗାଯୋଗବୃଦ୍ଧି ନିମନ୍ତେ ଚେଷ୍ଟା କରିବା ।

## କାର୍ଯ୍ୟପନ୍ଥା

- ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ ସୂଚ୍ନା/ ତଥ୍ୟଗୁଡ଼ିକୁ ସମୟ ଅନୁସାରେ ଏକାଠି କରିବା / ନୂତନ ତଥ୍ୟଗୁଡ଼ିକୁ ଏଥିରେ ସାମିଲ କରିବା ।
- ଲୋକଙ୍କ ସହାୟତାରେ ଜଙ୍ଗଲ ମଧ୍ୟରେ ଥିବା ଔଷଧୀୟ ବୃକ୍ଷଗୁଡ଼ିକର ସଂରକ୍ଷଣ ।
- ଚାଷ ନିମନ୍ତେ ପ୍ରୋତ୍ସାହନ ଦେବା ଏବଂ ସହାୟତା ପ୍ରଦାନ କରିବା ।
- ବଜାର ବୃଦ୍ଧି ନିମନ୍ତେ କାର୍ଯ୍ୟ କରିବା ।
- ଲୋକଙ୍କ ମଧ୍ୟରେ ଜାଗରୁକତା ବୃଦ୍ଧି କରିବା ।
- ଔଷଧଗୁଡ଼ିକ ମାନ ନିର୍ଦ୍ଧାରଣ ।

ଏହି ଔଷଧୀୟ ବୃକ୍ଷଗୁଡ଼ିକ ନିମନ୍ତେ ଏକ ରାଜ୍ୟସ୍ତରୀୟ ନୀତି ପ୍ରଣୟନ କରାଯାଉଅଛି । ଏ ହି ନୀତି ନିର୍ଦ୍ଧାରଣ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ଜଙ୍ଗଲ ବିଭାଗର ଅଧିକାରୀ, ଗବେଷକ, ବୈଜ୍ଞାନିକ, ବେସରକାରୀ ସଂଗଠନ ମାନେ ସଭ୍ୟ ଥିଲେ । ଏହି ନୀତିର ମୌଳିକ ଉଦ୍ଦେଶ୍ୟଗୁଡ଼ିକ ହେଲା :

- ଜୈବବିବିଧତାର ସଂରକ୍ଷଣ ।
- ସ୍ଥାନୀୟ ସମ୍ବଳର ନଥିକରଣ ।
- ଔଷଧୀୟ ବୃକ୍ଷର ଚିରନ୍ତନ ବ୍ୟବହାର ।
- ଜାଗରୁକତା ସୃଷ୍ଟି କରିବା ।
- ବଜାର ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ।

- ଚାଷ ନିମନ୍ତେ ଏକ ପ୍ୟାକେଜ୍ ପ୍ରସ୍ତୁତ କରିବା ।
- ଗବେଷଣା ଓ ଉନ୍ନୟନ ।
- ବ୍ୟବସାୟ ଓ ବ୍ୟବସାୟର ଶୋଷଣ ନିମନ୍ତେ ଆଇନ ।
- ଗୁଣମାନ ନିର୍ଦ୍ଧାରଣ କରିବା ।
- ତଦାରଖ ଓ ମୂଲ୍ୟାୟନ ।

କେଉଁ ନିମନ୍ତେ ସାହଯ୍ୟ ପାଇପାରିବେ ?
ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ଦ୍ୱାରା ଅନୁମୋଦନ ହୋଇ ଜାତୀୟ ଔଷଧୀୟ ବୃକ୍ଷ ବୋର୍ଡକୁ ପଠାଯିବ ପରେ ନିମ୍ନୋକ୍ତ ଯୋଜନାରେ ଅନୁଦାନ ମିଳିପାରିବ ।

- ସହାୟକ ଯୋଜନା (ପ୍ରମୋଶନାଲ୍ ସ୍କିମ୍)
- ବ୍ୟବସାୟୀକ ଯୋଜନା (କମର୍ଶିଆଲ୍ ସ୍କିମ୍)

୧. ସହାୟକ ଯୋଜନା
ଏହି ଯୋଜନାରେ ଯେଉଁ କାର୍ଯ୍ୟକ୍ରମଗୁଡ଼ିକୁ ସହାୟତା କରାଯିବ, ସେଗୁଡ଼ିକ ହେଲା:

କ) ଔଷଧୀୟ ବୃକ୍ଷଗୁଡ଼ିକର ସର୍ବେକ୍ଷଣ ଓ ତାଲିକା ପ୍ରସ୍ତୁତି ନିମନ୍ତେ ।

ଖ) ଜଙ୍ଗଲ ମଧ୍ୟରେ ଥିବା ଔଷଧୀୟ ବୃକ୍ଷଗୁଡ଼ିକର ସଂରକ୍ଷଣ ଏବଂ ଜଙ୍ଗଲ ବାହାରେ ଏହାର ଚାଷ ନିମନ୍ତେ ।
- ମୁଖ୍ୟତଃ ଲୁପ୍ତପ୍ରାୟ ପ୍ରଜାତିଗୁଡ଼ିକର ଚାଷ ଏବଂ ସଂରକ୍ଷଣକୁ ଉତ୍ସାହିତ କରିବା ।
- ଅଞ୍ଚଳଭିତ୍ତିକ ଓ ପ୍ରଜାତିଭିତ୍ତିକ ଔଷଧୀୟ ବୃକ୍ଷର ପ୍ରଦର୍ଶନ କେନ୍ଦ୍ର କରିବା ।

ଗ) ଉନ୍ନତ ଗୁଣମାନଙ୍କର ଚାରା/ମଞ୍ଜି ଉତ୍ପାଦନ ।
- ଉନ୍ନତ ବୃକ୍ଷ ପ୍ରଣାଳୀ ଓ ଉପଯୁକ୍ତ ବୈଷୟିକ ପ୍ରଣାଳୀ ସହାୟତାରେ ବହୁଳ ପରିମାଣରେ ଉନ୍ନତମାନର ଚାରା/ମଞ୍ଜି ଉତ୍ପାଦନ ।

ଘ) ସୂଚନା, ଶିକ୍ଷା ଓ ଯୋଗାଯୋଗ ।
- ଦୃଶ୍ୟ ଓ ଶ୍ରାବ୍ୟ ମାଧ୍ୟମ, କଥୋପକଥନ, ସଭାସମିତି, ତାଲିମ, କର୍ମଶାଳା ଆଦି ମାଧ୍ୟମରେ ସଚେତନତା ବୃଦ୍ଧି କାର୍ଯ୍ୟକ୍ରମ ।
- ତାଲିମ ଓ ଚାଷୀ ଏବଂ ସଂଗ୍ରହକାରୀଙ୍କର ଦେଶର ବିଭିନ୍ନ ପ୍ରଦର୍ଶନ କ୍ଷେତ୍ର ଗବେଷଣା କେନ୍ଦ୍ର ଏବଂ ଅନ୍ୟାନ୍ୟ ସଂପୃକ୍ତ ଅନୁଷ୍ଠାନ ପରିଦର୍ଶନ ।
- ଔଷଧୀୟ ବୃକ୍ଷର ଚାଷ ନିମନ୍ତେ ପ୍ରୋତ୍ସାହିତ କରିବା ।
- ଔଷଧୀୟ ବୃକ୍ଷ ନିମନ୍ତେ ସୂଚନା ଓ ପ୍ରସାରଣ ସାମଗ୍ରୀ ପ୍ରସ୍ତୁତ କରିବା ।

ଙ) ଘରୋଇ ଏବଂ ବିଶ୍ୱ ବଜାରରେ ଔଷଧୀୟ ବୃକ୍ଷର ଚାହିଦା ଏବଂ ଯୋଗାଣସ୍ଥିତି ସମ୍ବନ୍ଧୀୟ ଗବେଷଣା ।
- ମୂଲ୍ୟଯୋଗ, ପ୍ରକ୍ରିୟାକରଣ, ଦ୍ରବ୍ୟଗୁଡ଼ିକ ବେଶୀ ସମୟଧରି ସତେଜ ରହିବା, ସଂରକ୍ଷଣ ଓ ଆନ୍ତର୍ଜାତୀୟ ମାନ ଅନୁଯାୟୀ ପ୍ୟାକିଂ କରିବା ନିମନ୍ତେ ଗବେଷଣା କରିବା ।

ଚ) ଔଷଧୀୟ ବୃକ୍ଷ ବିଷୟକ ଗବେଷଣା ଓ ବିକାଶ ।

ଛ) ଜାତୀୟ ଔଷଧୀୟ ଗବେଷଣା ବୋର୍ଡର କ୍ଷମତା ବୃଦ୍ଧି ନିମନ୍ତେ- ବୋର୍ଡର ମାନବ ସମ୍ବଳ, କର୍ମଚାରୀମାନଙ୍କର ଦରମା ଓ ଭତ୍ତା, କାର୍ଯ୍ୟାଳୟ, ଆନୁସଙ୍ଗିକ ଉପକରଣ ଏବଂ କମ୍ପ୍ୟୁଟରୀକରଣ ଇତ୍ୟାଦିର ଗବେଷଣା ।

ଜ) ଔଷଧୀୟ ବୃକ୍ଷର ଉତ୍ପାଦନକାରୀ ଓ ସଂଗ୍ରହକାରୀଙ୍କ ମଧ୍ୟରେ ସମବାୟ ଭିତ୍ତିକ ଉଦ୍ୟମକୁ ସୁଦୃଢ଼ କରିବା ।

ଝ) ଔଷଧୀୟ ବୃକ୍ଷର ଉତ୍ପାଦକୁ ମୂଲ୍ୟଯୋଗ କରିବା କିମ୍ବା ପ୍ରାଥମିକ ସ୍ତରରେ ପ୍ରକ୍ରିୟାକରଣ କରିବା ।

ଞ) ଔଷଧୀୟ ବୃକ୍ଷ ସଂପର୍କିତ ବୈଜ୍ଞାନିକ, ବୈଷୟିକ ଏବଂ ଅର୍ଥନୈତିକ ଗବେଷଣା କରିବା ଏବଂ ଏଭଳି ଗବେଷଣାରେ ସହାୟତା କରିବା କିମ୍ବା ଉତ୍ସାହିତ କରିବା ।

ଉପରୋକ୍ତ ସହାୟକ ଯୋଜନା ମାଧ୍ୟମରେ ଅନୁଦାନ ପାଇବା ନିମନ୍ତେ କେତେକ ସ୍ୱତନ୍ତ୍ର ବିଷୟରେ ସରକାରୀ ସଂସ୍ଥାମାନେ ପ୍ରସ୍ତାବ ଦେଇପାରିବେ । ଗବେଷଣା ଓ ବିକାଶ କାର୍ଯ୍ୟକ୍ରମକୁ ବାଦ୍ ଦେଇ କେତେକ ନିର୍ଦ୍ଦିଷ୍ଟ ବିଷୟରେ ବେସରକାରୀ ସଂଗଠନ ଓ ରାଷ୍ଟ୍ରାୟତ୍ତ ସଂସ୍ଥାମାନେ ପ୍ରସ୍ତାବ ଦେଇପାରିବେ ।

୨. ବ୍ୟବସାୟିକ ଯୋଜନା

କ) ପ୍ରଚୁର ପରିମାଣର ମଞ୍ଜି ଓ ଚାରା ଭଳି ରୋପଣ ସାମଗ୍ରୀର ଉତ୍ପାଦନ ଓ ଯୋଗାଣକୁ ନିଶ୍ଚିତ କରିବା ନିମନ୍ତେ ।

ଖ) କେତେକ ନିର୍ଦ୍ଦିଷ୍ଟ ପ୍ରଜାତି ଚାଷ ହେଉଥିବା ଅଞ୍ଚଳକୁ ବୃଦ୍ଧି କରିବା ଏବଂ ଦୁଇ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଚାଷ କରିବା ନିମନ୍ତେ ।

ଗ) ମୂଲ୍ୟଯୋଗ ପ୍ରକ୍ରିୟା - ସଠିକ ଅମଳ ପ୍ରକ୍ରିୟା, ପ୍ରାଥମିକ ସ୍ତରରେ ଦ୍ରବ୍ୟରପ୍ରକ୍ରିୟାକରଣ । (ସଂଗ୍ରହ, ବର୍ଗୀକରଣ, ଶୁଖାଇବା, ଗୋଦାମ ଘରେ ସାଇତିବା ଓ ପ୍ୟାକିଂ ଇତ୍ୟାଦି)

ଘ) ବଜାର ବ୍ୟବସ୍ଥାରେ ପରିବର୍ତ୍ତନ କରିବା ନିମନ୍ତେ

କେଉଁ ଔଷଧୀୟ ବୃକ୍ଷ ଚାଷ ନମନ୍ତେ ଆବେଦନ କରିବେ ?
ଦେଶରେ ଥିବା ବିଭିନ୍ନ ପ୍ରକାର ଜଳବାୟୁକୁ ଭିତ୍ତିକରି ଜାତୀୟସ୍ତରରେ ଔଷଧୀୟ ବୃକ୍ଷ ଚାଷ ନିମନ୍ତେ ୩୨ଗୋଟି ବୃକ୍ଷକୁ ଚିହ୍ନଟ କରାଯାଇଅଛି । ସେଗୁଡ଼ିକ ହେଲା ଅଁଳା, ଅଶୋକ, ଅଶ୍ୱଗନ୍ଧା, ଆତିସ, ବେଲ, ଭୁଇଁ ଅଁଳା, ବ୍ରାହ୍ମୀ, ଚନ୍ଦନ, ଚିରେଇତା,ଦାରୁ ହଳଦୀ, ଗିଲ, ଗୁଡମାରୀ, ଗୁଗୁଳ, ଇଷବଗୁଲ୍, ଜଟାମାନ୍‌ସୀ, କାଳିହରୀ, ଭୁଇଁନିମ୍ବ, କେଶର, କୋକୁମ୍, କୁଥ୍, କୁଟ୍‌କି, ମାକୋୟ, ମୁଲେଥି, ସଫେଦ ମୁଷଳୀ, ପାଷାଣଭେଦୀ, ପିପ୍‌ପଳୀ, ସର୍ପଗନ୍ଧା, ସେନା, ଶତାବରୀ, ତୁଳସୀ, ବାଇବିଡ଼ଙ୍ଗ ବତ୍ସନାଭ ।

ଏହି ବ୍ୟବସାୟିକ ଯୋଜନା ନିମନ୍ତେ କେଉଁ ମାନେ ଆବେଦନ କରିପାରିବେ ?

- ପଞ୍ଜିକୃତ ଚାଷୀ, ଚାଷୀମାନଙ୍କର ସଂଘ, ବ୍ୟବସାୟୀ, ଔଷଧ ପ୍ରସ୍ତୁତକାରୀ, ସମିତି, ଔଷଧ କମ୍ପାନୀ, ରାଷ୍ଟ୍ରୟତ ସଂସ୍ଥା, ବେସରକାରୀ ସଂଗଠନ, ସ୍ୱୀକୃତିପ୍ରାପ୍ତ ଗବେଷଣା ଅନୁଷ୍ଠାନ କିମ୍ବା ଔଷଧୀୟ ବୃକ୍ଷ କ୍ଷେତ୍ରରେ ୩ ବର୍ଷର ଅଭିଜ୍ଞତାଥିବା କୌଣସି ବ୍ୟକ୍ତିବିଶେଷ ବା ଦଳ ।
- ସରକାରୀ ସଂସ୍ଥା ।

ପ୍ରକଳ୍ପ ପ୍ରସ୍ତାବର ପ୍ରସ୍ତୁତି ଏବଂ ଆବେଦନ

୧. ବୋର୍ଡ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶନ ମୁତାବକ ପ୍ରକଳ୍ପ ପ୍ରସ୍ତୁତି ନିମନ୍ତେ ଉର୍ଦ୍ଦିଷ୍ଟ ଫର୍ମରେ ଆବେଦନକାରୀ ଆବେଦନ କରିବେ । ପ୍ରକଳ୍ପରେ ଏକ ମୁଖ୍ୟ ଗବେଷକ କାର୍ଯ୍ୟ ନିର୍ବାହୀ କରିବେ ଯିଏକି ପ୍ରକଳ୍ପ ପ୍ରସ୍ତୁତି ଓ ଏହାକୁ ସଠିକ୍ କାର୍ଯ୍ୟକାରୀ କରିବା ନିମନ୍ତେ ଉତ୍ତରଦାୟୀ ରହିବେ ।

୨. ପ୍ରକଳ୍ପର ଉଦ୍ଦେଶ୍ୟ ସଂକ୍ଷିପ୍ତ ଓ ଠିକ ଭାବରେ ବୁଝାଯାଉଥିବ । ଏଥିରୁ ଯାହା ଲାଭ ମିଳିବ ତାହା ସୂଚାଇବାକୁ ପଡ଼ିବ ।

୩. କାର୍ଯ୍ୟର ବଣ୍ଟନ, କାର୍ଯ୍ୟସୂଚୀ, ବାର୍ଷିକ କାର୍ଯ୍ୟ ଯୋଜନା ଭଳି ପ୍ରକଳ୍ପର ବୈଷୟିକ ଦିଗଗୁଡ଼ିକ ଯେତେଦୂର ସମ୍ଭବ ସଂକ୍ଷିପ୍ତ ହେବା ଆବଶ୍ୟକ ।

୪. ସମସ୍ତ ଆବଶ୍ୟକୀୟ କାଗଜପତ୍ର ସହିତ ପ୍ରକଳ୍ପ ପ୍ରସ୍ତାବର ଦୁଇକିତା ନକଲ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ମାଧମରେ କେନ୍ଦ୍ରୀୟ ବୋର୍ଡକୁ ପଠାଯିବା ଆବଶ୍ୟକ ।

- ବ୍ୟବସାୟିକ ଯୋଜନା ନିମନ୍ତେ ୫୦ ଟଙ୍କିଆ ଷ୍ଟାମ୍ପ କାଗଜରେ କ୍ରେତାଙ୍କ ସହ ଏକ ବୁଝାମଣାପତ୍ର, ବ୍ୟାଙ୍କ ରିପୋର୍ଟ, ଜମିକାଗଜପତ୍ରର ଆଟେଷ୍ଟେଡ୍ ନକଲ ଦାଖଲ କରିବାକୁ ହେବ ।
- ସମସ୍ତ ଆବେଦନକାରୀ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ସହ ପଞ୍ଜିକୃତ ହେବା ଆବଶ୍ୟକ ।
- ବେସରକାରୀ ସଂଗଠନଗୁଡ଼ିକ ସେମାନଙ୍କର ପଞ୍ଜିକରଣ କାଗଜପତ୍ର ଓ ବିଗତ ୩ ବର୍ଷର ଆୟ ବ୍ୟୟର ହିସାବ ଦାଖଲ କରିବେ ।
- ଆବଶ୍ୟକସ୍ଥଳେ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟନିର୍ବାହୀ(ଗବେଷକ) ଓ ସହଯୋଗୀ ମାନଙ୍କର ବାଇଓଡାଟା ଦାଖଲ କରିବାକୁ ହେବ ।

ପ୍ରସ୍ତାବଗୁଡ଼ିକ କିପରି ବିବେଚନା କରାଯାଏ

ଦାଖଲ ହୋଇଥିବା ପ୍ରସ୍ତାବଗୁଡ଼କ ଏକ ପ୍ରାଥମିକ ଯାଞ୍ଚ ପରେ ପ୍ରକଳ୍ପ ଯାଞ୍ଚ କମିଟି ନିକଟରେ ଦିଆଯାଇଥାଏ ।

- ପ୍ରକଳ୍ପ ଯାଞ୍ଚ କମିଟି ଦ୍ୱାରା ଅନୁମୋଦନ ହୋଇଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ଆବେଦନକାରୀ / ରାଜ୍ୟ ଔଷଧୀୟ ବୋର୍ଡଗୁଡ଼ିକର ଅବଗତି ନିମନ୍ତେ ଜଣାଇ ଦିଆଯାଏ, ଏହାପରେ ଆବେଦନକାରୀ ଋଣର ପ୍ରଥମ କିସ୍ତି ନିମନ୍ତେ ଆବେଦନ କରିପାରନ୍ତି । ଏହି ସମୁଦାୟ ଋଣ ବିତ୍ତିୟ ଅନୁଷ୍ଠାନମାନଙ୍କ ଦ୍ୱାରା ଦୁଇଟି କିସ୍ତିରେ ଦିଆଯାଇଥାଏ । ରାଜ୍ୟ ଔଷଧୀୟ ବୃକ୍ଷବୋର୍ଡ, ରାଜ୍ୟ ସରକାର ଓ ସଂପୃକ୍ତ ବିତ୍ତୀୟ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଓ ସୁପାରିଶ ପରେ ପ୍ରତିଥର ଅର୍ଥ ଦିଆଯାଏ । ପରବର୍ତ୍ତୀ ବର୍ଷମାନଙ୍କରେ ଅର୍ଥ ପାଇବା ନିମନ୍ତେ ସଂପୃକ୍ତ ଆବେଦନକାରୀ ଅର୍ଥ ଉପଯୋଗ ପ୍ରମାଣ ପତ୍ର (ୟୁଟିଲାଇଜେସନ୍ ସାର୍ଟିଫିକେଟ୍) ଓ ଏକ ପ୍ରସ୍ତାବ ପଠାଇବା ଆବଶ୍ୟକ ।
- ଅର୍ଥ ମିଳିବା ପୂର୍ବରୁ ଜାତୀୟ ଔଷଧୀୟବୃକ୍ଷ ବୋର୍ଡର ଅଧିକାରୀ କିମ୍ବା ତାଙ୍କ ଅନୁପସ୍ଥିତରେ ରାଜ୍ୟ ବୋର୍ଡର ଅଧିକାରୀ ପ୍ରକଳ୍ପ ଅଞ୍ଚଳକୁ ପରିଦର୍ଶନ କରି ଏବଂ ପ୍ରକଳ୍ପର ସନ୍ତୋଷଜନକ ପ୍ରଗତି ସମ୍ବନ୍ଧରେ ଏକ ରିପୋର୍ଟ ଦାଖଲ କରିବେ । ଜାତୀୟ ଔଷଧୀୟ ବୃକ୍ଷ ବୋର୍ଡ ଏଥି ନିମନ୍ତେ ପ୍ରକୃତ ପ୍ରଦତ୍ତରାଶିର ସୀମା ନିର୍ଦ୍ଧାରଣ କରିବେ ।
- ଔଷଧୀୟ ବୃକ୍ଷର ପ୍ରଜାତି, କେତେ ଅଞ୍ଚଳ ଚାଷ ହେବ, ଜଳବାୟୁ ଏବଂ ଆବେଦନକାରୀଙ୍କ ଜମାକୁ ଭିତ୍ତିକରି ମିଆଦୀ ଋଣ ମିଳିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଏହି ମିଆଦୀ ଋଣ ସଂପୂର୍ଣ୍ଣ ପ୍ରକଳ୍ପରାଶିର ୧୦ ପ୍ରତିଶତରୁ କମ୍ ହେବନାହିଁ । ଏହି ଋଣ ଏକ ସ୍ୱୀକୃତି ପ୍ରାପ୍ତ ବିତ୍ତୀୟ ଅନୁଷ୍ଠାନରୁ ମିଳୁଥିବା ଆବଶ୍ୟକ ।
- ସଂପୃକ୍ତ ରାଜ୍ୟ ଔଷଧୀୟ ବୋର୍ଡ ଏହି ପ୍ରକଳ୍ପର ମୂଲ୍ୟାୟନ କରିବେ ।

ବଜାର ବ୍ୟବସ୍ଥା

ଔଷଧୀୟବୃକ୍ଷର ଯଦିଓ ଦେଶ ଓ ବିଦେଶରେ ପ୍ରଭୁତ ଚାହିଦା ରହିଛି , କିନ୍ତୁ ଆମ ରାଜ୍ୟରେ ଏଯାବତ୍ ବଜାର ବ୍ୟବସ୍ଥା ବ୍ୟବସ୍ଥିତ ହୋଇ ପାରିନାହିଁ । ଅନେକ ଚାଷୀ ବଜାରର ଚାହିଦା ସମ୍ବନ୍ଧରେ ଜାଣି ନଥିବାରୁ ଆବଶ୍ୟକୀୟ ଗୁଣମାନର ଉତ୍ପାଦକ, ଉତ୍ପାଦନ ପରବର୍ତ୍ତୀ ପ୍ରକ୍ରିୟାକରଣ ଅଭାବରୁ ଦ୍ରବ୍ୟକୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଅନେକ ସମୟରେ ବ୍ୟବସାୟୀମାନଙ୍କ ଏକଚାଟିଆ ମନୋବୃତ୍ତି ଯୋଗୁଁ ଚାଷୀ କମ୍ ପଇସା ପାଉଛି । ସ୍ଥାନୀୟ ବଜାରରେ କେତେକ୍ ଦ୍ରବ୍ୟ ସିଧାସଳଖ ବିକ୍ରି ହେଉଥିବା ବେଳେ କେତେକ ପ୍ରାଥମିକ ପ୍ରକ୍ରିୟାକରଣ ପରେ କୌଣସି ଔଷଧ ଶିଳ୍ପରେ ଲାଗୁଛି । ଆବାଶ୍ୟକୀୟ ବଜାର ସମ୍ବନ୍ଧୀୟ ସୂଚନାର ଅଭାବ ଯୋଗୁଁ ଦ୍ରବ୍ୟଗୁଡ଼ିକ ଠିକ୍ ସମୟରେ ଠିକ୍ ଦରରେ ବିକ୍ରୟ ହୋଇପାରୁନାହିଁ ।

ସରକାରୀ ମନ୍ତ୍ରଣାଳୟ, ବିଭିନ୍ନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ବେସରକାରୀ ସ୍ତରରେ ବ୍ୟକ୍ତିବିଶେଷମାନଙ୍କ ଉଦ୍ୟମ ସତ୍ତ୍ୱେ ଔଷଧୀୟ ବୃକ୍ଷ ପରିଚାଳନାରେ ସେଭଳି ଆଖିଦୃଶିଆ ଉନ୍ନତି ପରିଲିଖିତ ହୋଇନାହିଁ । ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଔଷଧୀୟ ବୃକ୍ଷ ପରିଚାଳନାର ଭିନ୍ନ ଭିନ୍ନ ଦିଗ ଉପରେ କାମ କରୁଛନ୍ତି । କିନ୍ତୁ ଏହି ସଂସ୍ଥା ଓ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ ଯୋଗସୂତ୍ରରକ୍ଷା କରାଯାଇପାରୁନାହିଁ । ଫଳତଃ, ଉନ୍ନୟନ ବାଧାପ୍ରାପ୍ତ ହେଉଛି । ଏଣୁ ଔଷଧୀୟ ବୃକ୍ଷ ପରିଚାଳନା କ୍ଷେତ୍ରରେ ରାଜ୍ୟସ୍ତରୀୟ / କେନ୍ଦ୍ରସ୍ତରୀୟ ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା ନିତାନ୍ତ ଜରୁରୀ । ଏଥିରେ ଚାଷୀଠାରୁ ଆରମ୍ଭ କରି ସଂଗ୍ରହକାରୀ, ବ୍ୟବସାୟୀ, ପ୍ରକ୍ରିୟାକରଣ ଶିଳ୍ପସଂସ୍ଥା, ରପ୍ତାନୀକାରୀ ସଂସ୍ଥା ନୀତି ନିର୍ଦ୍ଧାରଣ ସଂସ୍ଥା ଏବଂ ଏଥି ସହିତ ଜଡିତ ବେସରକାରୀ ସଂଗଠନ, ସମବାୟ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ଆଦି ସାମିଲ ହେବା ଆବଶ୍ୟକ ।

# ଉଦ୍ୟମବଳେ ସର୍ବ ସିଦ୍ଧି

## ବନଜାତ ଦ୍ରବ୍ୟର ବିକ୍ରିବଟାରେ ମହିଳା

ଖରିଆର୍ ସହରଠାରୁ ହାରାହାରୀ ପାଞ୍ଚ କିଲୋମିଟର ବାଟ ଗଲାପରେ ପଡେ ଛୋଟିଆ ଗାଁ'ଟିଏ, ନାଁ ତାର ଚଡ଼ରାଭଟା । ଗାଆଁରେ ପ୍ରାୟ ୨୦୦ ପରିବାର ବାସ କରନ୍ତି ଏବଂ ଏହି ଗାଆଁରେ ଲୋକସଂଖ୍ୟା ପାଖାପାଖି ୧୦୦୦ ହେବ । ଏହି ଗାଆଁଟି ଖରିଆର୍ ବ୍ଲକ୍‌ର ଖାସ ବାହାଲ ଗ୍ରାମପଞ୍ଚାୟତରେ ଅନ୍ତର୍ଭୁକ୍ତ ।

ଏହି ଗାଁଆର ଲୋକଙ୍କର ମୁଖ୍ୟଜୀବିକା ହେଲା କୃଷି, କୃଷି ଓ ଅଣକୃଷି ଶ୍ରମିକ ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି । ଗାଆଁର ଲୋକମାନେ ସାଧାରଣତଃ ଗରିବ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ ଶ୍ରମିକ ଶ୍ରେଣୀର । ଏଣୁ ଏମାନଙ୍କ ମଧ୍ୟରୁ ଅନେକ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ଆବଶ୍ୟକତାଗୁଡ଼ିକୁ ମଧ୍ୟ ପୂରଣ କରିବାକୁ ସକ୍ଷମ ହୁଅନ୍ତି ନାହିଁ ।

ବିଗତ ତିନି ବର୍ଷ ହେଲା କିନ୍ତୁ ଏହି ପରିସ୍ଥିତିରେ କିଛି ମାତ୍ରାରେ ସୁଧାର ଆସିଛି । ପରିବାରର ଆର୍ଥିକ ପରିସ୍ଥିତି ସୁଧାରିବାକୁ ଅଣ୍ଟା ଭିଡିଛନ୍ତି ଘରର ମହିଳାମାନେ । ଏହି ଗାଆଁରେ ଗଢି ଉଠିଛି ୧୨ଟି ସ୍ୱୟଂ ସହାୟକ ସଂଘ । ପ୍ରତ୍ୟେକ ସଂଘରେ ୧୦ ରୁ ୧୫ ଜଣ ପର୍ଯ୍ୟନ୍ତ ମହିଳା ସଭ୍ୟ ଅଛନ୍ତି । ଏମାନଙ୍କ ମଧ୍ୟରୁ ଗୋଟିଏ ହେଲା ଲକ୍ଷ୍ମୀଶ୍ରୀ ସ୍ୱୟଂ ସହାୟକ ଦଳ ।

ଏହି ସ୍ୱୟଂ ସହାୟକ ଦଳଟି ୧୦ ଜଣ ମହିଳାଙ୍କୁ ନେଇ ୨୦୦୩ ମସିହାରେ ଗଢା ହୋଇଥିଲା । ଏହି ଦଳର ସଭାପତି ହେଲେ ଗୀତାଞ୍ଜଳୀ ନିଆଲ୍ ଓ ସଂପାଦିକା ହେଲେ କସ୍ତୁରୀ ନିଆଲ୍ । ଏହି ସ୍ୱୟଂ ସହାୟକ ଦଳ ଗଠନର ଉଦ୍ଦେଶ୍ୟ ସଂପର୍କରେ ପଚାରିବାରୁ ସେମାନେ କୁହନ୍ତି, ସ୍ୱୟଂ ସହାୟକ ଦଳ ଗଠନ ପୂର୍ବରୁ ପରିବାରର କୌଣସି ସଦସ୍ୟ ରୋଗରେ ପଡ଼ିଲେ କିମ୍ବା ପିଲାଟିର ପାଠପଢା ଖର୍ଚ୍ଚ ନିମନ୍ତେ ସେମାନଙ୍କୁ ସାହୁକାର ଉପରେ ନିର୍ଭର କରିବାକୁ ପଡୁଥିଲା, ଯେଉଁ ଋଣ ଆଣୁଥିଲେ ସେଥିରେ ସୁଧର ହାର ଅଧିକ ଥିଲା । ଏଣୁ ସେମାନେ ଏକ ଦଳଗଢି କିଛି କିଛି ପଇସା ସଞ୍ଚୟ କରିବାକୁ ମନସ୍ଥ କଲେ । ଏହାର ଫଳ ସ୍ୱରୂପ ଗଠନ ହେଲା ଏହିଦଳ ।



ସ୍ୱୟଂସହାୟକ ଦଳର ସଦସ୍ୟ

ଆଦାୟ କରିଥିବା ପଇସାକୁ ସେମାନେ ଟୁକୁଲାଠାରେ ଥିବା କଳାହାଣ୍ଡି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରେ ଜମା ରଖିଲେ । ଏହାପରେ ସେମାନେ ଜମାରାଶିକୁ ବନଜାତ ଦ୍ରବ୍ୟ ବ୍ୟବସାୟରେ ବିନିଯୋଗ କଲେ । ପ୍ରଥମ ପର୍ଯ୍ୟାୟରେ ସେମାନେ ମହୁଲ ପ୍ରାଥମିକ ସଂଗ୍ରହକାରୀ ମାନଙ୍କଠାରୁ କିଣି ଏକାଠି ଗୋଟିଏ ଜାଗାରେ ଠୁଳାଇ ରଖିବା ପରେ ବଡ ବ୍ୟବସାୟୀମାନଙ୍କୁ ବିକ୍ରି କଲେ । ଏଥି ନିମନ୍ତେ ସେମାନଙ୍କୁ ଖରିଆର୍ ଠାରେ ଥିବା ବେସରକାରୀ ସଂଗଠନ "ସୃଷ୍ଟି" ସହାୟତ ପ୍ରଦାନ କଲା । ସଂଗ୍ରହ ପ୍ରଣାଳୀଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ସହ ମୂଲଚାଲ କରିବା ନିମନ୍ତେ ଏହି ସଂସ୍ଥା ଏକ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କଲା । ଏପରିକି ସଠିକ୍ ହିସାବ ପତ୍ର ରଖିବା ନିମନ୍ତେ ନିରକ୍ଷର ସଭ୍ୟମାନଙ୍କୁ ପାଠ ପଢାଇବାର ଦାୟିତ୍ୱ ଏହି ସଂସ୍ଥା ନେଲା ।

ଗତବର୍ଷ ବନଜାତ ଦ୍ରବ୍ୟ ବ୍ୟବସାୟ ବିଷୟରେ ସଂଘର ମହିଳାମାନେ କୁହନ୍ତି ଯେ ସେମାନେ ୨୦ କ୍ୱିଣ୍ଟାଲ ମହୁଲ ବିକ୍ରିକରି ଚାରି ହଜାର ଟଙ୍କା ଲାଭ କରି ପାରିଛନ୍ତି । ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ମହୁଲକୁ କିଲୋପ୍ରତି ୬ ଟଙ୍କା ଦରରେ କିଣି କିଲୋପ୍ରତି ୮ ଟଙ୍କା ଦରରେ ବିକ୍ରି କରିଥିଲେ ସେମାନେ । ଏହାଛଡା ଅଳ୍ପ ପରିମାଣର ନିମ୍ବ ମଞ୍ଜି ମଧ୍ୟ କିଲୋପିଛା ୧ ଟଙ୍କା ଦରରେ କିଣି ବ୍ୟବସାୟ କରିଥିଲେ । ଗତ ବର୍ଷ ଭଳି ଏବର୍ଷ ମଧ୍ୟ ସେମାନେ ସଂଗ୍ରହକାରୀଙ୍କଠାରୁ ମହୁଲ କିଣିଛନ୍ତି ୮ ଟଙ୍କା ଦରରେ । କିନ୍ତୁ ବିକ୍ରି ଦର ନ ପୋଷାଇବାରୁ ସେଗୁଡ଼ିକୁ ଠୁଳ କରି ରଖିଛନ୍ତି ସେମାନେ । ସେମାନେ କିଣା ଯାଇଥିବା ମହୁଲ ସବୁକୁ ମାର୍ଚ୍ଚ ମାସରୁ ମେ ମାସ ପର୍ଯ୍ୟନ୍ତ ଏକ ଘରେ ଜମା କରି ରଖୁଛନ୍ତି ।

ଦଳର ସଭ୍ୟମାନେ ଏହି ବ୍ୟବସାୟ ନେଇ ଅନେକ ଆଶାବାଦୀ ଅଛନ୍ତି । ଆଗକୁ ମଧ୍ୟ ସେମାନେ ଏହି ବ୍ୟବସାୟ ଚାଲୁ ରଖିବେ ବୋଲି ଦମ୍ଭର ସହିତ କହନ୍ତି ସଂଘର ସଭାନେତ୍ରୀ ଗୀତାଞ୍ଜଳି ନିଆଲ୍ ।

ଏହି ବ୍ୟବସାୟ ଦ୍ୱାରା ସେମାନଙ୍କର କ'ଣ ଲାଭ ହୋଇଛି ବୋଲି ପଚାରିବାରୁ ସେମାନେ କୁହନ୍ତି, ଏହି ବ୍ୟବସାୟରୁ ଲବ୍ଧ ଅର୍ଥକୁ ସେମାନେ ସଂଘର ପାଣ୍ଠିରେ ଜମା କରିଛନ୍ତି, ଯାହାକୁ ନିହାତି ଆବଶ୍ୟକ ସ୍ଥଳେ ସଭ୍ୟମାନେ ଅଳ୍ପ ସୁଧହାରରେ ଋଣ ନେଇ ଖର୍ଚ୍ଚ କରି ପାରୁଛନ୍ତି । ପୂର୍ବରୁ ଏହି ଖର୍ଚ୍ଚ ପାଇଁ ସେମାନେ ସାହୁକାର ପାଖରୁ ଋଣ ଆଣୁଥିଲେ ଏବଂ ଅଧିକ ପଇସା ସୁଧ ଦେଉଥିଲେ । ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଏବେ ନିଜର ହିସାବ ପତ୍ର ନିଜେ ରଖିବା ସହ ବ୍ୟବସାୟଙ୍କ ସହ ମୂଲଚାଲ ମଧ୍ୟ କରିପାରୁଛନ୍ତି । ଆଗାମୀ ଦିନରେ ସେମାନେ ସେହି ଅଞ୍ଚଳରେ ମିଳୁଥିବା ବଣତୁଳସୀ, ନିମ୍ବ ମଞ୍ଜି, ହରିଡ଼ା, ବହାଡ଼ା ଓ ଅଁଳା ଆଦି କରିବାକୁ ଚିନ୍ତା କରିଛନ୍ତି । କିନ୍ତୁ ଏବେ ଏଥି ନିମନ୍ତେ ସେମାନଙ୍କର ମୁଖ୍ୟ ପ୍ରତିବନ୍ଧକ ହେଲା ବନଜାତ ଦ୍ରବ୍ୟଗୁଡ଼ିକୁ ସାଇତିବା ନିମନ୍ତେ ଗୋଦାମ ଘରର ଅଭାବ । ଗୋଦାମ ଘରର ଅଭାବ ଯୋଗୁଁ ସେମାନେ ଅଧିକ ଦ୍ରବ୍ୟ କିଣି ପାରୁନାହାଁନ୍ତି । ଆଗରୁ ଉଦ୍ୟମ କରୁନଥିଲେ ସେମାନେ । ଏବେ କିନ୍ତୁ ବ୍ୟବସାୟକୁ ବଢାଇ ଆର୍ଥିକ ଉନ୍ନତି ନିମନ୍ତେ ସେମାନେ ଉତ୍ସାହିତ । ପରିଶ୍ରମର ଫଳ ଯେ ବୃଥା ଯାଏନା, ଏହା ସେମାନେ ଏବେ ବୁଝିଛନ୍ତି ।

# ଜଙ୍ଗଲକ୍ଷେତ୍ର ଭବିଷ୍ୟଦୃଷ୍ଟିରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଏକ ଦୃଷ୍ଟିପାତ

ଓଡ଼ିଶାର ଜଙ୍ଗଲ ସଂପଦର ସୁପରିଚାଳନା ଓ ଜଙ୍ଗଲ ଯେପରି ଦୀର୍ଘକାଳୀନ ଭିତ୍ତିରେ ସମାଜକୁ ବିବିଧ ଅର୍ଥନୈତିକ ଓ ପାରବେଶିକ ସେବା ଯୋଗାଇପାରିବ ଏହି ଲକ୍ଷ୍ୟ ନେଇ ନିକଟ ଅତୀତରେ "ଓଡ଼ିଶା ଜଙ୍ଗଲ କ୍ଷେତ୍ର ଭବିଷ୍ୟ ଦୃଷ୍ଟି ୨୦୨୦" ଶୀର୍ଷକ ଦଲିଲ ପ୍ରସ୍ତୁତ ହୋଇଛି । ଗତ ଏପ୍ରିଲ ୧୨ ତାରିଖରେ ଭୁବନେଶ୍ୱରର ସ୍ୱସ୍ତି ପ୍ଲାଜା ହୋଟେଲରେ ଅନୁଷ୍ଠିତ ଏକ କର୍ମଶାଳାରେ ରାଜସ୍ୱ ପର୍ଷଦ ସଭ୍ୟ ଶ୍ରୀ ଜି.ବି. ମୁଖାର୍ଜୀ ଏହି ଦଲିଲକୁ ଉନ୍ମୋଚନ କରିଥିଲେ । ଓଡ଼ିଶାରେ ଜଙ୍ଗଲ ପରିଚାଳନାକୁ ଦିଗ୍‌ଦର୍ଶନ ଦେବାପାଇଁ ଗତ ଦୁଇବର୍ଷ ତଳେ "ଭବିଷ୍ୟଦୃଷ୍ଟି ୨୦୨୦" ଦଲିଲ ପ୍ରସ୍ତୁତି ପାଇଁ କାର୍ଯ୍ୟାରମ୍ଭ ହୋଇଥିଲା । ବନବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଉଦ୍ୟମକୁ ଫଳବତି କରିବା ପାଇଁ ପରବର୍ତ୍ତୀ ସମୟରେ "ୱିନ୍‌ରକ୍ ଇଣ୍ଟରନ୍ୟାସନାଲ" ନାମକ ଏକ ସଂସ୍ଥାର ସହଯୋଗ ଲୋଡାଯାଇଥିଲା । ଏହି ଦଲିଲ ପ୍ରସ୍ତୁତିରେ ବନ ବିଭାଗର କ୍ଷେତ୍ର କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଗ୍ରାମଗୋଷ୍ଠୀମାନଙ୍କ ସହିତ ପରାମର୍ଶ କରାଯାଇଛି ବୋଲି ଦାବୀ କରାଯାଉଛି ।

ପ୍ରସ୍ତୁତ ଦଲିଲରେ ୮ଟି ବିଭାଗ ରହିଛି । ସେଗୁଡ଼ିକ ହେଲା :

୧. ଜଙ୍ଗଲର ବିସ୍ତୃତି ଏବଂ ମାନରେ ଅଭିବୃଦ୍ଧି
୨. ନିରନ୍ତର ଜଙ୍ଗଲ ପରିଚାଳନା
୩. କାଷ୍ଠ ଏବଂ ଅଣକାଷ୍ଠ ବନଜାତ ଦ୍ରବ୍ୟ
୪. ଜୈବବିବିଧତା ସଂରକ୍ଷଣ
୫. ସ୍ଥାନୀୟ ଶାସନ ଓ ସହଭାଗୀ ଜଙ୍ଗଲ ପରିଚାଳନା
୬. ବନ ବିଭାଗ ଓ ବନ ପ୍ରଶାସନ
୭. ପୁଞ୍ଜି ଓ ପୁଞ୍ଜିର ବିନିଯୋଗ, ବୀମା ପ୍ରୋତ୍ସାହନ
୮. ସ୍ୱଚ୍ଛତା, ତଥ୍ୟ ଜାଣିବାର ଅଧିକାର, ଇ-ଗଭର୍ଣ୍ଣାନ୍ସ ।

ଦଲିଲ ଅଣକାଷ୍ଠ ବନଜାତ ଦ୍ରବ୍ୟ ପାଇଁ ବହୁମୁଖୀ କୌଶଳ ଅବଲମ୍ବନ କଥା କୁହାଯାଇଛି । ସ୍ଥାନୀୟ ଅଧିବାସୀମାନଙ୍କର ଖାଦ୍ୟ ଓ ସ୍ୱାସ୍ଥ୍ୟ ନିରାପତ୍ତା ଏବଂ ରୋଜଗାରର ବୃଦ୍ଧି ପାଇଁ ଆମ ରାଜ୍ୟରେ ମିଳୁଥିବା ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ପ୍ରୋତ୍ସାହନ ଦେବା ଏବଂ ଏହାର ଚିରସ୍ଥାୟୀ ଅମଳ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଛି । ପ୍ରାଥମିକ ସଂଗହମାରୀମାନଙ୍କୁ ଅଧିକ ମୂଲ୍ୟ ଦେବାପାଇଁ ଦ୍ରବ୍ୟକୁ ବଜାର ଉପଯୋଗୀ କରିବା ଏବଂ ପ୍ରତିଷ୍ଠିତ ସଂସ୍ଥାମାନଙ୍କ ଦ୍ୱାରା ମାନ୍ୟତା ହାସଲ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି । ଜଙ୍ଗଲ ଜାତ ଦ୍ରବ୍ୟର ବ୍ୟବହାର ନିମନ୍ତେ ନୀତିନିୟମ ପ୍ରସ୍ତୁତି କଲାବେଳେ ସ୍ଥାନୀୟ ଅଧିବାସୀ ମାନଙ୍କର ସର୍ବନିମ୍ନ ଆବଶ୍ୟକତାକୁ ପ୍ରାଥମିକତା ଦିଆଯିବ ବୋଲି କୁହାଯାଇଛି । ଏହା ୱାର୍କିଂପ୍ଲାନ୍ ଏବଂ ମାଇକ୍ରୋ ପ୍ଲାନ (ଅଣୁ ଯୋଜନା)ରେ ପ୍ରତିଫଳିତ ହେବ । ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏବଂ ମୂଲ୍ୟ ଯୋଗ ଦ୍ୱାରା ପ୍ରାଥମିକ ସଂଗ୍ରହକାରୀମାନଙ୍କ ଆୟରେ ବୃଦ୍ଧି ଏବଂ ବନକ୍ଷେତ୍ରର ସାମଗ୍ରିକ ବୃଦ୍ଧି ଘଟିବ ବୋଲି କୁହାଯାଇଛି ।

ଗବେଷଣାରୁ ଜଣାଯାଇଛିଯେ, ଗ୍ରାମାଞ୍ଚଳରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳତା ଅପେକ୍ଷାକୃତ ବେଶୀ । ଏହି ଦ୍ରବ୍ୟଗୁଡ଼ିକ ନିୟମିତ ଭାବରେ କୌଣସି ପରିବାରର ରୋଜଗାରର ମାଧ୍ୟମ ହୋଇଥାଏ, ଏଣୁ ଏହି ଦ୍ରବ୍ୟଗୁଡ଼ିକ କେତେ ଦିନ ଧରି ଅମଳ ହୋଇପାରିବ, କେତେ ଅମଳ ହେବା ଆବଶ୍ୟକ ଓ କେଉଁ ପଦ୍ଧତିରେ ଅମଳ ହେବ ଏସବୁର ଗବେଷଣା କଲେ ଏହା କିଭଳି ଭାବରେ ଅଧିକ ଦିନଧରି ନିୟମିତ ଭାବରେ ଉତ୍ପାଦନ ହୋଇ ପାରିବ ସେ ବିଷୟରେ ଧ୍ୟାନ ଦିଆଯିବା ଜରୁରୀ । ଯେଉଁ ସ୍ଥାନୀୟ ଲୋକମାନେ ଅନେକ ଦିନଧରି ଅଣକାଷ୍ଠ ବନଜାତ ଦ୍ରବ୍ୟ ଅମଳ କରୁଛନ୍ତି,ସେମାନଙ୍କଠାରୁ ଏହି ବିଷୟରେ ମିଳୁଥିବା ତଥ୍ୟ ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନାରେ ସହାୟକ ହେବ । ଏହି ତଥ୍ୟ ଅଣକାଷ୍ଠ ବନଜାତ ପରିଚାଳନାର ନୂତନ ଦିଗଗୁଡ଼ିକୁ ସୂଚାଇବ ଏବଂ ଏହାର ନିରନ୍ତର ମୂଲ୍ୟ ବୃଦ୍ଧି ନିମନ୍ତେ ବାଟ ଫିଟାଇବା ନିମନ୍ତେ ସାହାଯ୍ୟ କରିବ ।

ନିୟନ୍ତ୍ରଣ ବ୍ୟବସ୍ଥାକୁ କୋହଳ କରାଯାଇ କ୍ରେତା ଓ ବିକ୍ରେତାଙ୍କ ସଂଖ୍ୟାରେ ବୃଦ୍ଧି କରାଯାଇପାରିବ । ଏହାଦ୍ୱାରା ଅଣକାଷ୍ଠ ବନଜାତ ଦ୍ରବ୍ୟର କିଣାବିକା ନିମନ୍ତେ ହେଉଥିବା ଖର୍ଚ୍ଚକୁ କମାଯାଇପାରିବ । ସ୍ୱୟଂ ସହାୟକ ଦଳମାନ ଗଠନ କରାଯାଇ ଏମାନଙ୍କ ମାଧ୍ୟମରେ ବ୍ୟବସାୟ କଲେ ବଜାରରେ ଉଚିତ ମୂଲ୍ୟ ମିଳିପାରିବ ।

ଗୋଷ୍ଠୀ ବା ଦଳଗତ ଭାବେ ବ୍ୟବସାୟ କରିବା ଫଳରେ ଶକ୍ତି ବୃଦ୍ଧି ହେବ ଏବଂ ଏହି ଦଳମାନେ ଚିରସ୍ଥାୟୀ ଅମଳ ପ୍ରକ୍ରିୟାକୁ ଗ୍ରହଣ କରିବେ । ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ସାଧାରଣ ବର୍ଗୀକରଣ ଓ ଗୋଦାମକରଣ ବ୍ୟବସ୍ଥାରୁ ଉପରକୁ ଉଠି ମୂଲ୍ୟଯୋଗ ଓ ପ୍ରକ୍ରିୟାକରଣ କଲେ ଏହାର ବ୍ୟବସାୟ ବୃଦ୍ଧି ପାଇବା ଫଳରେ ପ୍ରାଥମିକ ସଂଗ୍ରହକାରୀମାନେ ଅଧିକ ପଇସା ପାଇବାକୁ ସକ୍ଷମ ହେବେ । ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକୁ ପରିଚାଳନା, ଭଲ ପରିବେଶରେ ଗୋଦାମକରଣ, ବିତ୍ତୀୟ ସଂସ୍ଥାରୁ ଋଣ, ବିକଳ୍ପ ବଜାର ବ୍ୟବସ୍ଥା ନିମନ୍ତେ ଗୋଷ୍ଠୀ ବା ଦଳଗୁଡ଼ିକର କ୍ଷମତା ବୃଦ୍ଧି କରି ଜଙ୍ଗଲ ଭିତ୍ତିକ ଶିଳ୍ପଗୁଡ଼ିକ ପ୍ରୋତ୍ସାହନ କରାଯିବ ।

**ଜାଣନ୍ତି କି ?**

ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତରେ ଦୁଷ୍ପ୍ରାପ୍ୟ ଓ ଲୁପ୍ତପ୍ରାୟ ଔଷଧୀୟ ବୃକ୍ଷର ସଂରକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ବନସ୍ପତି ବନ ପ୍ରକଳ୍ପ ନାମରେ ଏକ ଯୋଜନା କାର୍ଯ୍ୟକାରୀ ହୋଇଅଛି ।

*

# ଭାନିଲା ଚାଷ

ଭାନିଲା ହେଉଛି ଏକ କ୍ରାନ୍ତିୟ ଲତା । ଏହାକୁ ଜମିରେ ଅନ୍ୟ ଫସଲ ସହିତ ଅନ୍ତଃ ଫସଲ ରୂପେ ଚାଷ କରାଯାଇପାରେ । ଏଥିପାଇଁ ଜମି ପ୍ରସ୍ତୁତି, ଖତ ସାର ବାବଦରେ ସେପରି ଅଧିକ ଖର୍ଚ୍ଚ ମଧ କରିବାକୁ ହୋଇନଥାଏ । ସେଥିପାଇଁ ଭାନିଲାକୁ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳୁଥିବା ଫସଲ ମଧ କୁହାଯାଏ ।
ଭାନିଲାର ବୈଜ୍ଞାନିକ ନାମ ଭାନିଲା ୟାନିଫୋଲା ଓ ଏହା ଏକ ବଙ୍କାଳିଆ ଫଳ ।

ଭୌଗଳିକ ଦୃଷ୍ଟିରୁ ବିଚାର କଲେ ଏହାର ଉତ୍ପତ୍ତିସ୍ଥଳ ସାଧାରଣତଃ ମେକ୍ସିକୋ ଦେଶର ପୂର୍ବ ତଟ ଅଞ୍ଚଳରେ । ଏବେ କିନ୍ତୁ ଏହାକୁ ମାଡ଼ାଗାସ୍କର ଠାରୁ ଆରମ୍ଭ କରି ଇଣ୍ଡୋନେସିଆ ପର୍ଯ୍ୟନ୍ତି ଦେଶରେ ପ୍ରଚୁର ପରିମାଣରେ ଚାଷ କରାଯାଉଛି । ଭାରତରେ କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ ଭାନିଲା ଚାଷ ପ୍ରଚୁର ପରିମାଣରେ କରାଯାଇଥାଏ ।

## ଜଳବାୟୁ

ଭାନିଲା ଚାଷ ସମୁଦ୍ର ପତ୍ତନ ଠାରୁ ୪୦୦୦ରୁ ୪୫୦୦ ମିଟର ଉଚ୍ଚତାରେ ମଧ ବେଶ ଭଲ ଭାବରେ କରାଯାଇପାରିଥାଏ । ଉପଯୁକ୍ତ ଭାନିଲା ଚାଷ ପାଇଁ ସାଧାରଣତଃ ଉଷ୍ମ ତଥା ଆଦ୍ର ଜଳବାୟୁର ଆବଶ୍ୟକତା ହୋଇଥାଏ ।ତେବେ ଭାନିଲା ଗଛରେ ସୂର୍ଯ୍ୟକିରଣ ସିଧା ପଡ଼ିଲେ ଗଛର ବିକାଶ ହୁଏ ନାହିଁ । ତେଣୁ ଏଥିପାଇଁ ଅନ୍ତତଃ ୫୦ ଭାଗ ସୂର୍ଯ୍ୟରଶ୍ମି ଯେପରି ଫିଲଟର ହୋଇ ପାରିବ , ସେଥିପାଇଁ ବ୍ୟବସ୍ଥା କରାଯିବା ଉଚିତ । ଭାନିଲା ଚାଷ ପାଇଁ ୧୨୦ରୁ ୩୬୦ ସେଣ୍ଟିମିଟର ମଧରେ ବର୍ଷା ଜଳର ଆବଶ୍ୟକତା ହୋଇଥାଏ । ଲଗାଣ ବର୍ଷା ଏଥିପାଇଁ ଭଲ । ଭାନିଲା ଚାଷ ପାଇ ବାୟୁମଣ୍ଡଳର ଉତ୍ତାପ ୨୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ରହିବା ଉଚିତ୍ ।

## ମୃତ୍ତିକା

ଭାନିଲା ଚାଷ ବାଲିଆ ନିଗିଡ଼ା ବା ଢ଼ାଲୁ ଜମିରେ ଭଲ ହୋଇଥାଏ । ପାଣି ଜମୁଥିବା ଜମିରେ ଏହା ବଢ଼ି ପାରେନାହିଁ ।

## ଚାରା ପ୍ରସ୍ତୁତି

ଭାନିଲା ଚାରା ଭାନିଲା ଗଛର ସୁସ୍ଥ କାଣ୍ଡରୁ ହୋଇଥାଏ ।ଏଥିପାଇଁ ସୁସ୍ଥ କାଣ୍ଡକୁ ଖଣ୍ଡ ଖଣ୍ଡ କାଟି ତାକୁ ମାଟିରେ ଲଗାଇବାକୁ ହୋଇଥାଏ । ତା ନହେଲେ ଏବେ ବୈଜ୍ଞାନିକ ପ୍ରଣାଳୀରେ ଟିସୁ କଲଚର କରି ମଧ ଚାରା ପ୍ରସ୍ତୁତି କରାଯାଉଛି ।

## ଚାରା ରୋପଣ ସମୟ

ଭାନିଲା ଚାରା ରୋପଣ ପାଇଁ ମଇ ରୁ ଜୁନ୍ ମାସ ହିଁ ପ୍ରକୃଷ୍ଟ ସମୟ । ଠିକ୍ ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ଏହି ଚାରା ରୋପଣ କରାଯାଇଥାଏ । ତା ନହେଲେ ବର୍ଷା ଋତୁ ଶେଷ ହେବା ପରେ ପରେ ଅକ୍ଟୋବରରୁ ନଭେମ୍ବର ମାସ ମଧରେ ଏହାକୁ ରୋପଣ କରାଯାଇପାରେ ।

## ଜମି ପ୍ରସ୍ତୁତି

ଭାନିଲା ଚାଷ ପୂର୍ବରୁ ଜମିକୁ ଭଲ ଭାବରେ ହଳ କରି ମାଟିକୁ ଗୁଣ୍ଡ କରାଇ ନେବା ସହିତ ଆବଶ୍ୟକ ପରିମାଣର ଗୋବର ଖତ ବା କମ୍ପୋଷ୍ଟ ପକାଇ ତାକୁ ମଧ ଭଲ ଭାବରେ ମାଟିରେ ମିଶାଇ ନେବା ଆବଶ୍ୟକ । ଭାନିଲା ଏକ ଲତା ହୋଇଥିବାରୁ ଏହାକୁ ମଡ଼ାଇବା ପାଇଁ ବାଉଁଶ ବା ଅନ୍ୟାନ୍ୟ ସାହାରାର ବ୍ୟବସ୍ଥା କରିବାକୁ ହୋଇଥାଏ ।

ପୂର୍ବରୁ ଚାରା ପ୍ରସ୍ତୁତି ସମୟରେ ଦୁଇରୁ ଅଢ଼େଇ ମିଟର ଲମ୍ବର କଟାଯାଇଥିବା କାଣ୍ଡ ଗୁଡ଼ିକୁ ଆଣି ମାଟିରେ ପୋତି ଦେବାକୁ ହୁଏ । କାଣ୍ଡର ମୋଟା ୫ ସେଣ୍ଟିମିଟର ମଧରେ ରହିବା ଆବଶ୍ୟକ । ଏଭଳି କଟାଯାଇଥିବା କାଣ୍ଡଗୁଡ଼ିକୁ ଜମିରେ ସିଧାସଳଖ ପୋତାଯାଇପାରେ । ଯଦି ଏହାଠାରୁ ଛୋଟ ଛୋଟ କାଣ୍ଡ ହୋଇଥାଏ, ତେବେ ତାହାକୁ ନର୍ସରୀରେ ଲଗାଇ ଚାରା କରିବାକୁ ହୋଇଥାଏ । ତେବେ ଛୋଟ ଛୋଟ କାଣ୍ଡରେ ଚେର ଉଠିବାର ଆଶା କମ୍ ଥିବାରୁ ଏହି ସବୁ କାଣ୍ଡଗୁଡ଼ିକ ନର୍ସରୀରେ ଏକରୁ ଦେଢ଼ ମିଟରର ହୋଇଯିବା ପରେ ସେଗୁଡ଼ିକୁ ଉଚିତ ସାହାରା ଦେଇ ଜମିରେ ଲଗାଯିବା ଦରକାର ।

କାଣ୍ଡରୁ କାଣ୍ଡ ମଧରେ ୩ ମିଟର ଓ ଧାଡ଼ିରୁ ଧାଡ଼ି ମଧରେ ଦେଢ଼ ରୁ ଦୁଇ ମିଟରର ବ୍ୟବଧାନ ରଖାଯିବା ଆବଶ୍ୟକ । କାଣ୍ଡ ଲଗାଇବା ପାଇଁ ମାଟି ଓ ଗୋବର ଖତ ମିଶାଇ ଗୋଟିଏ ଗୋଟିଏ ପଟାଳି ତିଆରି କରି ସେଥିରେ ମଧ ଚାରା ରୋପଣ କରାଯାଇପାରେ ।

ଚାରା ଲଗାଇବା ପରେ ଏହାର ମୂଳକୁ ଥଣ୍ଡା ରଖିବା ପାଇଁ ଚାରା ମୂଳରେ ଶୁଖିଲା ପତ୍ର ବା ପତଳା ମାଟି ଚଢ଼ାଇ ଦେବା ଆବଶ୍ୟକ । ଯାହା ଫଳରେ ଚାରା ମୂଳ ଅଧିକ ଶୁଖିଲା ହୋଇଯିବ ନାହିଁ । ଚେର ଉଠିନଥିବା କାଣ୍ଡ ମୂଳରୁ ୫ରୁ ୯ ସପ୍ତାହ ମଧରେ ହିଁ ଚେର ବାହାରିବା ଆରମ୍ଭ କରି ଦେଇଥାଏ ।

ଭାନିଲା ପାଇଁ ପଥର ବା କାଠର ଭାରା ବ୍ୟବହାର କଲେ ତାହା ଅଧିକ ଉପଯୋଗୀ ହୋଇଥାଏ । ଭାନିଲାକୁ ଥରେ ଲଗାଇଦେଲେ ତାହା ୨୫ ରୁ ୩୦ ବର୍ଷ ପର୍ଯ୍ୟନ୍ତ ରହେ । ତେଣୁ ସ୍ଥାୟୀ ଭାରା ବ୍ୟବସ୍ଥା କରାଗଲେ ତାହା ଅଧିକ ଭଲ ହୋଇଥାଏ ।

## ଜଳସେଚନ

ଭାନିଲା କାଣ୍ଡ ଲଗାଯିବା ପରେ ସେଥିରେ ନିୟମିତ ବ୍ୟବଧାନରେ ଜଳସେଚନର ବ୍ୟବସ୍ଥା କରାଯିବା ଆବଶ୍ୟକ । ବିଶେଷକରି ଖରାଦିନେ ଏଥିପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ ଓ ଭାନିଲା ଗଛ ଗୁଡ଼ିକ ପତ୍ର ବାହାରିବା ଓ ଖୁଣ୍ଟରେ ନମାଡ଼ିବା ପର୍ଯ୍ୟନ୍ତ ନିୟମିତ ପାଣି ଦିଆଯିବା ଉପରେ ଦୃଷ୍ଟି ରଖାଯିବା ଆବଶ୍ୟକ ।

## ଖତସାର ପ୍ରୟୋଗ

ଭାନିଲା ଗଛ ମାଟି ଉପରୁ ଖାଦ୍ୟ ଗ୍ରହଣ କରି ବଞ୍ଚିଥାଏ । ପୁଣି ଏହା ୨୫ରୁ ୩୦ ବର୍ଷ ପର୍ଯ୍ୟନ୍ତ ରହେ । ତେଣୁ ବର୍ଷରେ ୩ରୁ ୪ଥର ଗୋବର ଖତ, ସବୁଜ ସାର, କମ୍ପୋଷ୍ଟ ପ୍ରୟୋଗର ଆବଶ୍ୟକତା ରହଥାଏ । ନିମ୍ବ ପିଡ଼ିଆ, ଜଡ଼ା ବା ନଡ଼ିଆର ପିଡ଼ିଆ, କୁକୁଡ଼ା ମଳ ପ୍ରଭୃତି ସାର ଭାବରେ ବ୍ୟବହାର କରାଯାଇଥାଏ । ତେବେ ଏହି ସବୁ ସାରକୁ ଭାନିଲା ଲଟାର ପତ୍ର ଉପରେ ସିଞ୍ଚନ କଲେ ତାହା ଅଧିକ ସୁଫଳ ପ୍ରଦାନ କରିଥାଏ ।

## ଅନାବନା ଘାସ, ବାଲୁଙ୍ଗା

ଭାନିଲା ରୋପଣ ଅବସ୍ଥାରେ ଏହାକୁ ବାଲୁଙ୍ଗା ବା ଅନାବନା ଘାସ, ପତ୍ର କବଳରୁ ସୁରକ୍ଷା ଦିଆଯିବା ଜରୁରୀ ସେଥିପାଇଁ ଭାନିଲା କିଆରିରେ କୋଡ଼ାଖୁସା କରି ଏଥିରୁ ଅନାବନା ଗଛ ପତ୍ରକୁ ଓପାଡ଼ି ଦିଆଯିବା ଆବଶ୍ୟକ ।

## ଫସଲ

ଭାନିଲାକୁ ଜମିରେ ଅନ୍ୟାନ୍ୟ ଫସଲ ସହ ଚାଷ କରାଯାଇପାରେ । ତେବେ ଏହା ଫଳରେ ଅମଳ କମ୍ ହୋଇଯିବାର ଆଶଙ୍କା ଥାଏ । ତେଣୁ ଏହାକୁ ଏକୁଟିଆ ଚାଷ କରିବା ବୁଦ୍ଧିମାନର କାର୍ଯ୍ୟ । ଯଦି ଅନ୍ୟ ଫସଲ ସହ କରିବାର କଥା ତେବେ ଆମ୍ବ, କାଜୁ, ନଡ଼ିଆ ବା ପଣସ ଗଛ ସହ ଏହାକୁ ଚାଷ କରାଯାଇପାରେ ।

## ରୋଗପୋକ ନିରାକରଣ

ଭାନିଲା ଗଛରେ ସହଜରେ ରୋଗପୋକ ଲାଗନ୍ତି । ତଥାପି ଏଥିରେ ପତ୍ର ପୋଡ଼ା, ପତ୍ର ଝାଉଁଳା ପରି କେତେକ ରୋଗ ଦେଖା ଦେଇଥାଏ । ଏଥିପାଇଁ ପଲିଥିନ୍ ଏମ୍-୪୫ ବାଭିସ୍ଟିନ୍ ଏମ୍-୪୫ ପରି କୀଟନାଶକକୁ ୧୦୦ ଲିଟର ପାଣିରେ ୨୦୦ ଗ୍ରାମ ମିଶାଇ ପତ୍ରରେ ଛିଞ୍ଚି ଦେଇ ଏହିସବୁ ରୋଗକୁ ପ୍ରତିରୋଧ କରିହୁଏ । ସେହିପରି ନାଲି ପିମ୍ପୁଡ଼ି, କୁକୁଡ଼ା ମଧ୍ୟ ଏହି ଗଛକୁ ଗୋଡ଼ରେ ଖୋଳି ପକାଇବା ବା ଥଣ୍ଟରେ ଖୁମ୍ପିବାର ଭୟଥାଏ । ଫସଲକୁ ଏମାନଙ୍କ ଦାଉରୁ ରକ୍ଷା କରିବାର ବ୍ୟବସ୍ଥା କରାଯିବା ଉଚିତ୍ ।

## ପତ୍ର ଛେଦନ

ଭାନିଲାର ଅଗ ପତ୍ରକୁ ସମୟ ସମୟରେ ଛେଦନ କରାଯାଇଥାଏ । ଯାହା ଫଳରେ ଭାନିଲା ଗଛରେ ଫୁଲ ଧରିବା କାର୍ଯ୍ୟଟି ଗଭୀର ଭାବରେ ପ୍ରଭାବିତ ହୋଇଥାଏ । ତେଣୁ ଲଟାଗୁଡ଼ିକ ୩ ରୁ ୪ବର୍ଷ ମଧ୍ୟରେ ବଢ଼ି ୧୦ ଫୁଟ ହୋଇଯିବା ପରେ ହିଁ ପତ୍ରଗୁଡ଼ିକୁ କଟାଯିବା ଆବଶ୍ୟକ । ଏହା ସେପ୍ଟେମ୍ବର-ଅକ୍ଟୋବର ମାସରେ କରାଯିବା ଭଲ । ଏହା ପରେ ସେପରି ଅଧିକ ବର୍ଷା ହେଉ ନଥିବାରୁ ଲତାଗୁଡ଼ିକରେ ଅଧିକ ଫୁଲ ଦେଖାଦିଏ ।

## ଫୁଲ ଆସିବା ସମୟ

ଫୁଲ ଆସିବା ସମୟ ହେଉଛି ଡିସେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ । ତେବେ ଲତା ଗୁଡ଼ିକ ସାଢ଼େ ୪ରୁ ୫ ବର୍ଷର ହୋଇଗଲେ ଏହି ସମୟକୁ ଫୁଲ ଆସିବା ଆରମ୍ଭ ହୋଇଥାଏ । ଫୁଲ ଗୁଡ଼ିକ କଢ଼ରୁ ସମ୍ପୂର୍ଣ୍ଣ ବିକଶିତ ଅବସ୍ଥାକୁ ଆସିବା ପାଇଁ ୨୦ରୁ ୨୫ ଦିନ ସମୟ ନେଇଥାଏ । ଯଦି ଫୁଲଗୁଡ଼ିକର ପରାଗ ସଂଗମ ଠିକ୍ ଭାବରେ ହୋଇଥାଏ ତେବେ ଅଧିକାଂଶ ଫୁଲରୁ ଫଳ ବାହାରେ ନହେଲେ ଫୁଲଗୁଡ଼ିକ ୪ରୁ ୫ ଦିନ ମଧ୍ୟରେ ବୃନ୍ତରୁ ଝଡ଼ି ପଡ଼ନ୍ତି ।

## କୃତ୍ରିମ ଉପାୟରେ ପରାଗ ସଂଗମ

ଭାନିଲା ଲତାର କାଣ୍ଡଗୁଡ଼ିକ ମୋଡ଼ାମୋଡ଼ ହୋଇଥିବାରୁ ସବୁବେଳେ ଭାନିଲା ଫୁଲର ପରାଗ ସଂଗମ ପ୍ରାକୃତିକ ଉପାୟରେ ହେବା ସମ୍ଭବ ହୋଇନଥାଏ । ସେଥିପାଇଁ କୃତ୍ରିମ ଉପାୟରେ ହାତରେ ପରାଗ ସଂଗମ କରାଯାଇଥାଏ । ଏହା ବର୍ଷା ଋତୁରେ ବର୍ଷା ଛାଡ଼ିଯିବା ପରେ ପରେ କିମ୍ବା ସକାଳୁ ସକାଳୁ ଯେତେବେଳେ ପରିବେଶରେ ଆର୍ଦ୍ରତା ଅଧିକ ଥାଏ ସେତିକିବେଳେ କରାଯାଇଥାଏ । ସକାଳୁ ୬ଟାରୁ ଦିନ ଗୋଟାଏ ଭିତରେ ଏହା କରାଯିବା ଭଲ ।

## ଅମଳ

ଫୁଲରୁ ଛୁଇଁ ବାହାରିବା ପରେ ଏହା ୯ରୁ ୧୦ ମାସ ଭିତରେ ଅମଳ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ଛୁଇଁ ଗୁଡିକ ପାକଳ ହୋଇଗଲେ ଏହାର ଅଗସବୁ ସୁନା ରଙ୍ଗର ହଳଦିଆ ପଡ଼ିଯାଆନ୍ତି । ଏହି ରଙ୍ଗ ଆସିଯିବା ପରେ ଛୁଇଁଗୁଡ଼ିକୁ ସଙ୍ଗେ ସଙ୍ଗେ ତୋଳି ନିଆଯିବା ଉଚିତ୍ । ତୋଳିଲାବେଳେ ଏକଥା ଦେଖାଯିବା ଦରକାର ଯେ ଯେଉଁ ଛୁଇଁ ଗୁଡ଼ିକର ହଳଦିଆ ପଡ଼ିନାହିଁ ସେଗୁଡ଼ିକୁ ତୋଳିବା ଅନୁଚିତ୍ । ସବୁ ଛୁଇଁ ଏକ ସମୟରେ ପାକଳ ହେଉନଥିବାରୁ କେବଳ ପାକଳ ଛୁଇଁଗୁଡ଼ିକୁ ତୋଳାଯିବା ଆବଶ୍ୟକ ।

ଅଗ ହଳଦିଆ ପଡ଼ିବା ବ୍ୟତୀତ ଛୁଇଁ ଗୁଡ଼ିକ ଲମ୍ବାରେ ୧୫ରୁ ୨୦ ମିଲିମିଟର ଓ ମୋଟାରେ ୮ରୁ ୧୦ ମିଲିମିଟର ହୋଇଗଲେ ସେଗୁଡ଼ିକୁ ପାକଳ କୁହାଯାଇଥାଏ । ସେଥିପାଇଁ ଫଳଗୁଡ଼ିକୁ ସବୁଦିନେ ନତୋଳି ସପ୍ତାହକୁ ଥରେ ତୋଳିବା ପାଇଁ ଉପଦେଶ ଦିଆଯାଇଥାଏ । ଫଳ ଗୁଡ଼ିକ ତୋଳାଯିବା ପରେ ସେଗୁଡ଼ିକୁ ଯତ୍ନର ସହିତ ଶୁଖାଇ ଭଣ୍ଡାରରେ ରଖାଯାଏ । ଭାନିଲାର ଶୁଖାଇବା ପଦ୍ଧତି ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ । କାରଣ ଫଳର ଗୁଣମାନ ଏହାର ଶୁଖିବା ପ୍ରଣାଳୀ ଉପରେ ଅଧିକ ନିର୍ଭର କରିଥାଏ ।

## ଅମଳ ପରିମାଣ

ଠିକ୍ ଭାବରେ ଚାଷ କଲେ ହେକ୍ଟର ପିଛା ବାର୍ଷିକ ୫୦ରୁ ୬୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଭାନିଲା ମଞ୍ଜି ମିଳିଥାଏ ।

## ଦର

୧ କ୍ୱିଣ୍ଟାଲ ଶୁଖିଲା ଭାନିଲା ଛୁଇଁର ପ୍ରକ୍ରିୟାକରଣ ପରେ ୧୦୦୦୦ ଟଙ୍କା ମିଳିଥାଏ । (ତେବେ ବଜାରର ଚାହିଦା ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଦର ଭିନ୍ନ ଭିନ୍ନ ହୋଇପାରେ)

## ଭାନିଲାର ଉପଯୋଗ

ଭାନିଲାକୁ ଏକ ସୁଗନ୍ଧିତ ଦ୍ରବ୍ୟ ଭାବରେ ବ୍ୟବହାର କରାଯାଇଥାଏ । ଆଇସ୍କ୍ରିମ୍ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥରେ ଏହାକୁ ବ୍ୟବହାର କରାଯାଇଥାଏ ।

# 'ଜାତୀୟ ବନ କମିଶନ'ଙ୍କ ସହ ଆୟୋଜିତ ସଭାରେ ଲଘୁ ବନଜାତ ଦ୍ରବ୍ୟ ସଂପର୍କରେ ଆଲୋଚ୍ନା

ଗତ ଫେବୃଆରୀ ମାସ ୭ ତାରିଖ ଦିନ ଜାତୀୟ ବନ କମିଶନର ସଦସ୍ୟମାନଙ୍କ ସହ ଏକ ସଭା କୋରାପୁଟର 'କୋଟ୍ସ' ହଲ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜାତୀୟ ବନ କମିଶନର ସଦସ୍ୟ ଶ୍ରୀଯୁକ୍ତ ଚ଼ଣ୍ଡି ପ୍ରସାଦ ଭଟ୍ଟ, ଶ୍ରୀଯୁକ୍ତ ଡି.ସି. ଖଣ୍ଡୁରୀ ଓ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପାଣ୍ଡେଙ୍କ ବ୍ୟତୀତ ରାଜ୍ୟ ସରକାରଙ୍କ ତରଫରୁ କୋରାପୁଟଠାରେ ଅବସ୍ଥିତ ବନ ସଂରକ୍ଷକ ଶ୍ରୀଯୁକ୍ତ ଏସ୍.ବି.ସାମନ୍ତ ମଧ ଯୋଗ ଦେଇଥିଲେ । ଏହାଛଡା ବିଭିନ୍ନ ଜଙ୍ଗଲ ସୁରକ୍ଷା ସଂଘ/ମହାସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମ୍ବାଦିକ ଓ ଜଙ୍ଗଲ କାର୍ଯ୍ୟକ୍ରମ ସହ ଜଡିତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ଯୋଗଦେଇ ଆଲୋଚ୍ନାରେ ଭାଗ ନେଇଥିଲେ ।

ଏହି ସଭାରେ ଜଙ୍ଗଲ ଅଧିବାସୀମାନଙ୍କର ଜୀବନଧାରଣ ଓ ଆୟ ନିମନ୍ତେ ଅଣକାଷ୍ଠ ବନଜାତ ଦ୍ରବ୍ୟର ଭୂମିକା ସଂପର୍କରେ ଆଲୋଚ୍ନା କରାଯାଇଥିଲା । ଓଡ଼ିଶାରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପରିଚ୍ଳଳନା, ନିୟନ୍ତ୍ରଣ ଓ କିଣା ବିକା ସଂପର୍କିତ ନୀତି ଓ ଆଇନ ସମ୍ବନ୍ଧରେ ଆଲୋଚ୍ନା କରାଯାଇ ନିମ୍ନୋକ୍ତ ପ୍ରସ୍ତାବ ସବୁ ଦିଆଯାଇଥିଲା ।

କ) ଜଙ୍ଗଲ ଭିତ୍ତିକ ଜୀବିକାଗୁଡ଼ିକୁ ସ୍ୱୀକୃତି ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ଏଭଳି ପ୍ରସ୍ତୁତ କରିବା ଉଚିତ, ଯେପରିକି ସ୍ଥାନୀୟ ଲୋକମାନଙ୍କୁ ଜଙ୍ଗଲ ସଂରକ୍ଷଣରେ ମାନ୍ୟତା ମିଳିପାରିବ । ଅଣକାଷ୍ଠ ବନଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପଗୁଡ଼ିକର ପ୍ରତିଷ୍ଠା ନିମନ୍ତେ ଉଦ୍ୟମ ହେବା ଜରୁରୀ ।

ଖ) ଅଣକାଷ୍ଠ ବନଜାତ ଦ୍ରବ୍ୟ ଓ ଔଷଧୀୟ ଏବଂ ସୁଗନ୍ଧିତ ବୃକ୍ଷଗୁଡ଼ିକର ସଠିକ ସଂଜ୍ଞା ନିର୍ଦ୍ଧାରଣ କରି ଏହାକୁ ଜଙ୍ଗଲ ଓ ପଞ୍ଚାୟତିରାଜ ଆଇନର ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ।

ଗ) ଅଣକାଷ୍ଠ ବନଜାତ ଦ୍ରବ୍ୟର ମାଲିକାନା, ନିୟନ୍ତ୍ରଣ ଓ ପରିଚ୍ଳଳନାକୁ ସୁଦୃଢ଼ କରିବା ନିମନ୍ତେ ଗ୍ରାମପଞ୍ଚାୟତଗୁଡ଼ିକର ଦକ୍ଷତା ବୃଦ୍ଧି କରିବା ସହିତ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦେବା ଜରୁରୀଅଟେ । ଏଥି ନିମନ୍ତେ ଗ୍ରାମପଞ୍ଚାୟତକୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ଉଚିତ୍ ।

ଘ) ରାଜ୍ୟରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ବଜାର ବୃଦ୍ଧି ନିମନ୍ତେ ସରକାର କିମ୍ବା କର୍ପୋରେସନମାନେ ପ୍ରାଧାନ୍ୟ ଦେଉନାହାଁନ୍ତି, ଏଥି ନିମନ୍ତେ ଜାତୀୟ ସ୍ତରରେ ଗୋଟିଏ ଅନୁଷ୍ଠାନ କାର୍ଯ୍ୟ କରିବା ଆବଶ୍ୟକ । ଏହି ଦିଗରେ ଟ୍ରାଇଫେଡ୍ ସଂସ୍ଥା ତା'ର କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିପାରେ କିମ୍ବା ଜାତୀୟ ଔଷଧୀୟ ବୃକ୍ଷ ବୋର୍ଡ ମଧ ବଜାର ବୃଦ୍ଧି ନିମନ୍ତେ କାର୍ଯ୍ୟ କରିପାରେ ।

ଙ) ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡମାନେ ମଧ ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିର ପ୍ରକ୍ରିୟାକରଣ, ମୂଲ୍ୟଯୋଗ ପ୍ରକ୍ରିୟା ଏବଂ ବଜାର ବୃଦ୍ଧି ନିମନ୍ତେ କାର୍ଯ୍ୟକରିପାରନ୍ତି ।

ଚ) ଅଣକାଷ୍ଠ ବନଜାତ ଦ୍ରବ୍ୟ/ଔଷଧୀୟ ଓ ସୁଗନ୍ଧିତ ବୃକ୍ଷ ନିମନ୍ତେ ଏକ ବିସ୍ତୃତ ଜାତୀୟ ନୀତି ପ୍ରସ୍ତୁତ ହେବା ଆବଶ୍ୟକ ।

ଛ) ଅଣକାଷ୍ଠ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଆଇନଗତ ବ୍ୟବସ୍ଥା କରିବା ସହିତ ଏଥି ନିମନ୍ତେ ବଜେଟ୍‌ରେ ଅର୍ଥର ବ୍ୟବସ୍ଥା ରହିବା ଆବଶ୍ୟକ ।

ଜ) ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ରେ ଗ୍ରାମପଞ୍ଚାୟତଗୁଡ଼ିକୁ ଅଣକାଷ୍ଠ ବନଜାତ ଦ୍ରବ୍ୟର ମାଲିକାନା, ନିୟନ୍ତ୍ରଣ ଓ ପରିଚ୍ଳଳନାକୁ ମାନ୍ୟତା ଦେବା ପାଇଁ ଆବଶ୍ୟକୀୟ ପରିବର୍ତ୍ତନ କରାଯିବା ଜରୁରୀ ।

ଝ) ଜାତୀୟ ଓ ସ୍ୱତନ୍ତ୍ର ବନଜାତ ଦ୍ରବ୍ୟଗୁଡ଼ିକ ସଂଗ୍ରହ ଓ ବ୍ୟବସାୟ ନିମନ୍ତେ ପଞ୍ଚାୟତଗୁଡ଼ିକୁ ମଧ ମାନ୍ୟତା ଦିଆଯିବା ଆବଶ୍ୟକ ।

ଞ) କେନ୍ଦୁପତ୍ର ତୋଳିବା ଦାୟିତ୍ୱକୁ ବିକେନ୍ଦ୍ରୀକରଣ କରି ଏହାକୁ ଯୁଗ୍ମ ଜଙ୍ଗଲ ପରିଚ୍ଳଳନା ଓ ଗୋଷ୍ଠୀଜଙ୍ଗଲ ପରିଚ୍ଳଳନା କମିଟି, ତୋଳାଳୀ ସମବାୟ ସଂଘ ଏବଂ ସେହିଭଳି ସଂସ୍ଥାମାନଙ୍କୁ ଦେଇଦେବା ଆବଶ୍ୟକ ।

ଟ) ଦେଶସାରା ଛତିଶଗଡ଼/ମଧ୍ୟପ୍ରଦେଶ ଢାଞ୍ଚାରେ କେନ୍ଦୁପତ୍ର ଅନୁଦାନ ବଣ୍ଟନ କରାଯିବା ଉଚିତ ।

ଠ) ମହୁଲଫୁଲକୁ ଓଡ଼ିଶା ଅବକାରୀ (ମହୁଲଫୁଲ) ଆଇନ ୧୯୭୬ର ପରିସରରୁ ବାହାର କରିଦେବା ଆବଶ୍ୟକ । ଯେଉଁ ମଦ ପ୍ରସ୍ତୁତ ଶିଳ୍ପଗୁଡ଼ିକୁ ମହୁଲଫୁଲକୁ ବ୍ୟବହାର କରୁଛନ୍ତି, ସେମାନଙ୍କୁ ଏହାର ପରିସରଭୁକ୍ତ କରାଯାଇପାରେ ।

ଡ) ସାର୍ବଜନୀନ ବନ ଉନ୍ନୟନ ଯୋଜନାରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ବୃକ୍ଷଗୁଡ଼ିକୁ ଲଗାଇବା ନିମନ୍ତେ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ ।

ଢ) ପ୍ରାଥମିକ ସଂଗ୍ରହକାରୀମାନଙ୍କର ଲାଭ ନିମନ୍ତେ ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦିଆଯିବା ଉଚିତ । ଯୋଜନାବଦ୍ଧ ଭାବରେ ପ୍ରକ୍ରିୟାକରଣ ଶିଳ୍ପରୁ ବିକାଶ ସହ ବଜାର ବୃଦ୍ଧି କାର୍ଯ୍ୟକ୍ରମଗୁଡ଼ିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ।

▣

# ଓଡ଼ିଶାରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ସୁପରିଚାଳନା ନିମନ୍ତେ କର୍ମଶାଳାରେ ବିଧାୟକମାନଙ୍କ ମତାମତ

ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ସୁପରିଚାଳନା ନିମନ୍ତେ ସରକାର ବିଭିନ୍ନ ଆଇନକାନୁନ ପ୍ରଣୟନ କରିଛନ୍ତି । ଏହାର ପରିଚାଳନାକୁ ଆହୁରି ସୁବ୍ୟବସ୍ଥିତ କରି ଏଥି ସହିତ ଜଡିତ ବିଭିନ୍ନ ବର୍ଗଙ୍କୁ ଅଧିକ ଲାଭ ପହଞ୍ଚାଇବା ନିମନ୍ତେ କଣ ଅସୁବିଧା ରହିଛି ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ନିମନ୍ତେ ଗତ ମାର୍ଚ୍ଚ ମାସ ୨୦ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ଏକ କର୍ମଶାଳା । ଏଥିରେ ୧୪ ଜଣ ମାନ୍ୟବର ବିଧାନସଭା ସଦସ୍ୟଯୋଗ ଦେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

କର୍ମଶାଳାର ପ୍ରାରମ୍ଭରେ ଆର୍.ସି.ଡ଼ି.ସି. ତରଫରୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ଜଙ୍ଗଲ ଅଧିବାସୀ/ ଆଦିବାସୀଙ୍କର ନିର୍ଭରଶୀଳତା, ଏଥି ସହିତ ସଂପୃକ୍ତ ନୀତି, ଏହାର ପରିଚାଳନା ଓ ବ୍ୟବସାୟରେ ରହିଥିବା ସମସ୍ୟା ଏବଂ ଏହି ସମସ୍ୟାଗୁଡ଼ିକୁ କିପରି ପ୍ରତିହତ କରାଯାଇପାରିବ ଏ ସମ୍ବନ୍ଧରେ ଏକ ଉପସ୍ଥାପନା କରାଯାଇଥିଲା । ଏଥିରେ ଜାତୀୟକରଣ ହୋଇଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟ (ଶାଳମଞ୍ଜି, କେନ୍ଦୁପତ୍ର ଓ ବାଉଁଶ) ଗୁଡ଼ିକ ବିଷୟରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । ପରିଚାଳନାଗତ ତ୍ରୁଟି କିପରି ଅନ୍ୟ ସାମାଜିକ ସମସ୍ୟାଗୁଡ଼ିକୁ ଜନ୍ମ ଦିଏ ତାହା ମଧ୍ୟ ଉପସ୍ଥାପନ ହୋଇଥିଲା ଏହି କର୍ମଶାଳାରେ ।

କେନ୍ଦୁପତ୍ର ତୋଳାଳିଙ୍କ ପ୍ରାପ୍ୟ ମିଳିବାରେ ପ୍ରତିବର୍ଷ ହେଉଥିବା ବିଳମ୍ବ ବିଷୟରେ ଆଲୋଚନା କରାଯାଇଥିଲା । ଏହାଯୋଗୁଁ ଲୋକମାନେ କାମର ଅନୁସନ୍ଧାନରେ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି ଏବଂ ଅନେକ ଦିନଧରି ବାହାରେ ରହିବା ଫଳରେ ସେମାନଙ୍କ ମଧ୍ୟରୁ କେତେକ ଏଡସ୍ ଭଳି ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିର ଶୀକାର ହେଉଛନ୍ତି । ତୈଳବୀଜଗୁଡ଼ିକରୁ ବିଶେଷକରି ଶାଳମଞ୍ଜିରୁ ତୈଳ ନିଷ୍କାସନ ଥିବା କାରଖାନାଗୁଡ଼ିକ ବନ୍ଦହୋଇଯିବା ଫଳରେ ଆମ ରାଜ୍ୟକୁ ଅନ୍ୟରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି, ଏହି ସମସ୍ୟା କିଭଳି ରାଜ୍ୟରେ ଶାଳମଞ୍ଜି ବ୍ୟବସାୟକୁ ପ୍ରଭାବିତ କରୁଛି ଓ ଶାଳମଞ୍ଜିର ସଂଗ୍ରହ ହ୍ରାସ ପାଉଛି ସେ ସମ୍ବନ୍ଧରେ ମାନ୍ୟବର ସଦସ୍ୟମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଗ୍ରାମପଞ୍ଚାୟତଗୁଡ଼ିକୁ ୬୮ଟି ଅଣକାଷ୍ଠ ବନଜାତ ଦ୍ରବ୍ୟର ମାଲିକାନା, ନିୟନ୍ତ୍ରଣ ଓ ପରିଚାଳନା ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଅସାଧୁ ବ୍ୟବସାୟୀମାନଙ୍କୁ ଦଣ୍ଡବିଧାନ କରିବା ନିମନ୍ତେ ଗ୍ରାମପଞ୍ଚାୟତକୁ କୌଣସି କ୍ଷମତା ପ୍ରଦାନ କରାଯାଇନାହିଁ । କେବଳ ବ୍ୟବସାୟୀମାନଙ୍କର ପଞ୍ଜିକରଣକୁ ବାଦ୍ ଦେଲେ ବିନା ପଞ୍ଜିକରଣରେ ବ୍ୟବସାୟ କରୁଥିବା କିମ୍ବା ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟଠାରୁ କମ୍ ମୂଲ୍ୟ ଦେଉଥିବା ବ୍ୟବସାୟୀଙ୍କୁ ରୋକିବା ଓ ଅସାଧୁ ଉପାୟରେ ବ୍ୟବସାୟ ହେଉଥିବା ଦ୍ରବ୍ୟଗୁଡ଼ିକୁ ଜବତ କରିବା ଭଳି କ୍ଷମତା ଗ୍ରାମପଞ୍ଚାୟତର ନାହିଁ ।

ଗ୍ରାମପଞ୍ଚାୟତ ଏହି ବ୍ୟବସାୟରୁ କୌଣସି ରୟାଲଟି ପାଉନାହିଁ । ଗ୍ରାମପଞ୍ଚାୟତ ଦ୍ରବ୍ୟଗୁଡ଼ିକର ପରିବହନ ନିମନ୍ତେ ପରମିଟ୍ ଦେଇପାରିବାର କ୍ଷମତା ନାହିଁ । ଯଦିଓ ମହୁଲ ବ୍ୟବସାୟର ପରିଚାଳନା ଓ ନିୟନ୍ତ୍ରଣ ଗ୍ରାମପଞ୍ଚାୟତର ପରିସରଭୁକ୍ତ, ଅବକାରୀ ବିଭାଗ ଦ୍ୱାରା ଏହି ବ୍ୟବସାୟରେ ବାଧା ସୃଷ୍ଟି କରାଯାଉଛି । ଆଲୋଚନାରେ ଅଂଶଗ୍ରହଣ କରି କେତେଜଣ ମାନ୍ୟବର ସଦସ୍ୟ ଗ୍ରାମପଞ୍ଚାୟତକୁ ରୟାଲଟି ଧାର୍ଯ୍ୟ କରିବା, ଅସାଧୁ ବ୍ୟବସାୟୀମାନଙ୍କୁ ଦଣ୍ଡିତ କରିବା, ଅସାଧୁ ଉପାୟରେ ବ୍ୟବସାୟ ହେଉଥିବା ଦ୍ରବ୍ୟଗୁଡ଼ିକୁ ଜବତ କରିବା ଭଳି କ୍ଷମତା ଗ୍ରାମପଞ୍ଚାୟତକୁ ଦିଆଯିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ ।

ଅଣକାଷ୍ଠ ବନଜାତ ଦ୍ରବ୍ୟର ବଜାର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇ ଅନେକ ସଦସ୍ୟ ଏହାର ବ୍ୟବସାୟରେ ଉପୁଜୁଥିବା ସମସ୍ୟା ନିମନ୍ତେ ଅବ୍ୟବସ୍ଥିତ ବଜାର ବ୍ୟବସ୍ଥାକୁ ଦାୟୀ କରିଥିଲେ । ପ୍ରଚଳିତ ବଜାର ବ୍ୟବସ୍ଥାରେ ସୁଧାର ଆଣିପାରିଲେ ପ୍ରାଥମିକ ସଂଗ୍ରହକାରୀଙ୍କଠାରୁ ଆରମ୍ଭ କରି ସରକାର ପର୍ଯ୍ୟନ୍ତ ସମସ୍ତେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା । ଆର୍.ସି.ଡି.ସି. ତରଫରୁ ବଜାର ବ୍ୟବସ୍ଥାର ସୁପରିଚାଳନା ଓ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ଏକ ବଜାର ଉନ୍ନୟନ ବୋର୍ଡ/କମିଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବ୍ୟବସାୟ ସହ ସଂପୃକ୍ତ ସମସ୍ତ ଅଂଶୀଦାରମାନଙ୍କୁ ନେଇ ଜିଲ୍ଲାସ୍ତରରେ ଏକ ବୋର୍ଡ/କମିଟି ଗଠନ କରାଗଲେ ବଜାର ବ୍ୟବସ୍ଥାର ନିୟନ୍ତ୍ରଣ କରାଯାଇପାରନ୍ତା ବୋଲି ପ୍ରସ୍ତାବ ଦିଆଯାଇଥିଲା ।

ମଧ୍ୟପ୍ରଦେଶ ଓ ଛତିଶଗଡ଼ ଆଦି ପଡ଼ୋଶୀ ରାଜ୍ୟରେ ହେଉଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ବିଷୟରେ ଆଲୋଚନା କରାଯାଇ ଏହାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଇଥିଲା ।

ଏହିଭଳି ଆଲୋଚନା ଲୋକପ୍ରତିନିଧିମାନଙ୍କୁ ନେଇ ଜିଲ୍ଲା, ବ୍ଲକ ଓ ଗ୍ରାମପଞ୍ଚାୟତସ୍ତରରେ ବହୁଳ ଭାବରେ କରାଗଲେ ଏହାର ସୁଫଳ ମିଳି ପାରିବ ବୋଲି ସଦସ୍ୟମାନେ ମତପ୍ରକାଶ କରିଥିଲେ ।

## କେନ୍ଦୁପତ୍ର ଶ୍ରମିକ ମାରଣ ଓ ଆଂଶିକ ଘରୋଇକରଣ ବିରୁଦ୍ଧରେ ପ୍ରତିବାଦ

ଓଡ଼ିଶା ସରକାରଙ୍କୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ଅଗ୍ରୀମ ବିକ୍ରି ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଯେଉଁଥିରେ କି ସମସ୍ତ କାର୍ଯ୍ୟ ନିୟନ୍ତ୍ରଣ ତଥା ତଦାରଖ । ସରକାର ପୂର୍ବଭଳି କଳାପରେ କେନ୍ଦ୍ରୀୟ ଗୋଦାମରୁ ଅଗ୍ରୀମ ବିକ୍ରି ହେବା କଥା । ମାତ୍ର ତାହା ନକରି ସରକାର ତ୍ରୁଟିପୂର୍ଣ୍ଣ ବିକ୍ରି ବ୍ୟବସ୍ଥା କରି କଞ୍ଚାପତ୍ରର ଅଗ୍ରୀମ ବିକ୍ରି କରିଛନ୍ତି ଓ ଡିଭିଜନ କିମ୍ବା ରେଞ୍ଜରେ ଅଗ୍ରୀମ ବିକ୍ରି ବ୍ୟବସ୍ଥା ନ କରି ସେକସନ୍ ମାଧ୍ୟମରେ ବିକ୍ରି କରିଛନ୍ତି ।

ଏପରିକି ଯେଉଁ ସେକସନ୍‌ରେ ଅଗ୍ରୀମ ବିକ୍ରି ହୋଇନାହିଁ, ସେଠାରେ ଗଛ ନକାଟିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଉକ୍ତ ଅଞ୍ଚଳର ଶ୍ରମିକମାନେ ଦୀର୍ଘ ଦିନର ରୋଜଗାର ହରାଇବା ସଙ୍ଗେ ସଙ୍ଗେ ପଡୋଶୀ ରେଞ୍ଜ ଡିଭିଜନମାନଙ୍କରୁ ଉତ୍ତମ ମାନର କଞ୍ଚାପତ୍ର ଚୋରି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସରକାରଙ୍କ ରାଜସ୍ୱ ବୃଦ୍ଧି ସହ ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ ରହୁଥିବା ଶ୍ରମିକମାନଙ୍କ ରୋଜଗାର ବୃଦ୍ଧି କରିବା ସକାଶେ ୧୯୭୩ ମସିହାରେ ନନ୍ଦିନୀ ଶତପଥୀ କେନ୍ଦୁପତ୍ର ସଂସ୍ଥାର ଘରୋଇକରଣକୁ ଉଚ୍ଛେଦ କରି ଜାତୀୟକରଣ କରି ଐତିହାସିକ ପଦକ୍ଷେପ ନେଇଥିଲେ । ସେହି ଦିନଠାରୁ କେନ୍ଦୁପତ୍ର ସଂସ୍ଥା ରାଜ୍ୟ ରାଜକୋଷକୁ କୋଟି କୋଟି ଟଙ୍କା ଆୟ ଦେବା ସହ ରାଜ୍ୟରେ ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଗଛ କଟାଳୀ, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ ମଧ୍ୟ ଉପକୃତ ହେଉଛନ୍ତି । ବର୍ତ୍ତମାନ ଏହି ସଂସ୍ଥାର ପରିଚାଳନାଗତ ତ୍ରୁଟି ଯଥା ଗଛକଟା, ଫଡି ମରାମତି ବର୍ଷକୁ ବର୍ଷ କ୍ରମଶଃ ନିମ୍ନ ମାନର ହୋଇଥିବାରୁ ଉତ୍ତମ ମାନର ପତ୍ର ଉତ୍ପାଦନ ଠିକ୍ ଭାବେ ନହୋଇ ବିକ୍ରି ହେଉନାହିଁ । ଫଳରେ ଶହେ କୋଟିରୁ ଉର୍ଦ୍ଧ୍ୱ ଲାଭ ହୋଇ ଆସୁଥିବା ସଂସ୍ଥାରେ ତାହା ହ୍ରାସ ପାଇ ମାତ୍ର ୧୧ କୋଟିରେ ପହଞ୍ଚିଲାଣି ।

କେନ୍ଦୁପତ୍ର ସଂସ୍ଥାର ପରିଚାଳନାଗତ ତ୍ରୁଟି ଗୁଡ଼ିକ ସୁଧାରିବା ବ୍ୟବସ୍ଥା ନକରି କେତେକ ବରିଷ୍ଠ ଅଧିକାରୀ ତଥା ରାଜନୈତିକ ଅସ୍ଥିରତା ସୃଷ୍ଟି କରିଆସୁଥିବା ବ୍ୟବସାୟୀମାନଙ୍କର ଭିତରେ ଷଡଯନ୍ତ୍ର ଯୋଗୁଁ ଏ ବର୍ଷ ସରକାର ଖରିଆର, ଜୟପୁର, ନବରଙ୍ଗପୁର ପରି ତିନୋଟି ଡିଭିଜନରେ ତ୍ରୁଟିପୂର୍ଣ୍ଣ ଅଗ୍ରୀମ ବିକ୍ରି ବ୍ୟବସ୍ଥା କରିଛନ୍ତି । ଯଦ୍ଵାରା କେନ୍ଦୁପତ୍ର ଉପରେ ନିର୍ଭରଶୀଳ ପ୍ରାୟ ୨ ଲକ୍ଷ ପରିବାର ସିଧାସଳଖ କ୍ଷତିଗ୍ରସ୍ତ ହେବା ସହ ଲକ୍ଷାଧିକ ଶ୍ରମ ଦିବସ ନଷ୍ଟ ହେଉଛି । ୧୯୯୩ ମସିହାରେ ମଧ୍ୟ କେନ୍ଦୁପତ୍ର ସଂସ୍ଥାକୁ ଘରୋଇକରଣ କରାଯିବା ସମସ୍ତ ଯୋଜନା ହୋଇଥିଲା । କିନ୍ତୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଓ ଶ୍ରମିକମାନଙ୍କର ଆନ୍ଦୋଳନ ଯୋଗୁଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ କେନ୍ଦୁପତ୍ର ସଂଘର ନେତାମାନଙ୍କ ସହ ଆଲୋଚନା କରି ପ୍ରକୃତ ତଥ୍ୟ ହୃଦବୋଧ କଳାପରେ ପୁଣି ଘରୋଇକରଣ ପ୍ରକ୍ରିୟାକୁ ବନ୍ଦ କରିଦେଇଥିଲେ ଓ କେନ୍ଦୁପତ୍ର ଉତ୍ପାଦନ ୬ ଲକ୍ଷ କ୍ୱିଣ୍ଟାଲ ବୃଦ୍ଧି କରିବା ପାଇଁ ଆସୁଥିବା ଅନୁଦାନ ହ୍ରାସର ପ୍ରତିବାଦ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ହୋଇଆସୁଛି ।

ବର୍ତ୍ତମାନର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅଗ୍ରୀମ ବିକ୍ରି ପ୍ରଣାଳୀକୁ ସଂଘର କାର୍ଯ୍ୟକାରୀ ସଭାପତି ହାରାଧନ ଭୋଇ, ଉପସଭପତି ଛବିଳ ତ୍ରିପାଠୀ କିଶୋର ପରିଚ୍ଛା, ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ଅମରିଶ ପଟ୍ଟନାୟକ ତଥା ପଦ୍ମପୁର ଡିଭିଜନ ସମ୍ପାଦକ ପ୍ରଦୀପ ପୁରୋହିତ ତରଫରୁ ତୀବ୍ର ପ୍ରତିବାଦ କରାଯିବା ସହ ରାଜ୍ୟ ସାରା ଏହି ଅନ୍ୟାୟ ବିରୋଧରେ ଶ୍ରମିକ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ଏକ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରୁଛନ୍ତି ।

*ଅନୁପମଭାରତ : ୨୦।୩।୦୫*

### ପ୍ରତିବନ୍ଧକ ହଟାଅ ନଚେତ୍ ଆମଠାରୁ କେନ୍ଦୁପତ୍ର କିଣ : କେନ୍ଦୁପତ୍ର ତୋଳାଳୀ

ଅଧିକ କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ର ଖୋଲିବାର ଦାବୀକରି ନୟାଗଡ଼ ଜିଲ୍ଲାର ରଣପୁର ଅଞ୍ଚଳର ମହିଳା କେନ୍ଦୁପତ୍ର ତୋଳାଳୀମାନେ ବିଧାନସଭା ନିକଟରେ ଧାରଣା ଦେଇଥିଲେ । ସରକାରଙ୍କର ବିକ୍ରି ଉପରେ ନିଷେଧାଦେଶ ଯୋଗୁଁ କେନ୍ଦୁପତ୍ର ତୋଳାଳୀମାନେ ସବୁବେଳେ ଦଲାଲମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ । ସରକାର କେନ୍ଦୁପତ୍ର କ୍ରୟ କରିବା ନିମନ୍ତେ ଏକମାତ୍ର ସଂସ୍ଥାଥିବାରୁ, ଆଦିବାସୀ ତୋଳାଳୀମାନେ ବିକ୍ରି କରିବା ନିମନ୍ତେ ଥିବା ପ୍ରତିବନ୍ଧକ ଦୂର କରିବାକୁ ନଚେତ୍ ଅଧିକ ଫଡି (ସଂଗ୍ରହ କେନ୍ଦ୍ର) ଖୋଲିବା ନିମନ୍ତେ ଦାବି କରିଥିଲେ, ଯଦ୍ଦ୍ୱାରାକି ସେମାନେ ସେମାନଙ୍କର ପତ୍ର ବିକ୍ରି କରିବାକୁ ସକ୍ଷମ ହୋଇପାରିବେ । ରଣପୁର ଅଞ୍ଚଳରେ ପ୍ରଚୁର ଉତ୍ପାଦାନ ସତ୍ତ୍ୱେ ଜଙ୍ଗଲ ବିଭାଗର କେନ୍ଦୁପତ୍ର ଶାଖା ୨୦୦୧ ମସିହାରେ କେବଳ ଦୁଇଟି ଫଡି ଖୋଲିଛନ୍ତି, ଯେଉଁଠାରେ ଆହୁରି ୨୦ଟି ଅଧିକ ଫଡି ଖୋଲିବାର ଆବଶ୍ୟକତା ରହିଛି ।

ଅନ୍ୟପକ୍ଷରେ, ବିଶ୍ୱସ୍ତ ସୂତ୍ରରୁ ପ୍ରକାଶଯେ ବିଗତବର୍ଷଠାରୁ ପ୍ରଚୁର ପରିମାଣର କେନ୍ଦୁପତ୍ର ମହଜୁଦ ଅଛି ଏବଂ କିଛି ସଂଗ୍ରହ କେନ୍ଦ୍ର ବନ୍ଦ ହୋଇଯାଇପାରେ । ଏଥିରୁ ଅନୁମାନ କରାଯାଏ ଯେ, ସଂଗ୍ରହ ହେବ ନାହିଁ ଏବଂ ଆଦିବାସୀ ସଂଗ୍ରହକାରୀମାନେ ନିଷେଧାଦେଶ ଥିବା ହେତୁ ସେମାନଙ୍କର କେନ୍ଦୁପତ୍ର ବିକ୍ରି କରିପାରିବେ ନାହିଁ କିମ୍ବା ଅସାଧୁ ବ୍ୟବସାୟୀଙ୍କର ଏକଚାଟିଆ କାରବାରର ଶୀକାର ହେବେ ।

ମା ମଣିନାଗ ସୁରକ୍ଷା ପରିଷଦର ତରଫରୁ ଧାରଣା ଦେଇଥିବା ଆଦିବାସୀମାନେ କହିଲେ ଯଦି କର୍ମଚାରୀମାନେ ମହଜୁଦ ଥିବା ଜିନିଷର ଯତ୍ନ ନ ନେବା ଫଳରେ ସେଗୁଡ଼ିକ ନଷ୍ଟ ହେଇଯାଏ, ତେବେ ଆମେ କାହିଁକି ସେଥିପାଇଁ କ୍ଷତି ସହିବୁ । କାହିଁକି ନିଷେଧାଦେଶ ଉଠାଇ ନିଆଯାଉନାହିଁ, ଯଦ୍ଦ୍ୱାରାକି ସରକାରୀ ଦରରୁ ଅଧା ଦାମ୍‌ରେ କିଣୁଥିବା ବେସରକାରୀ ବ୍ୟବସାୟୀମାନଙ୍କୁ ଆମେ ବିକ୍ରି କରିପାରିବୁ ।

*ଇଣ୍ଡିଆନ୍ ଏକ୍ସପ୍ରେସ : ୧୪।୩।୨୦୦୫*

# ଲାଭଖୋର ବ୍ୟବସାୟୀଙ୍କ ଦ୍ୱାରା ୧୬ କୋଟି ଟଙ୍କାର ଠକେଇ ଅଭିଯୋଗ

ତ୍ରୁଟିପୂର୍ଣ୍ଣ ଜଙ୍ଗଲ ନୀତି ଓ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ପ୍ରତିବର୍ଷ ମୟୂରଭଞ୍ଜ ଜିଲ୍ଲାର କରଂଜିଆ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶାଳପତ୍ର ତୋଳାଳୀଙ୍କଠାରୁ ଲାଭଖୋର ବ୍ୟବସାୟୀମାନେ ୧୬ କୋଟି ଟଙ୍କା ଠକେଇ ନେଇ ଯାଉଥିବା ଅଭିଯୋଗ ହୋଇଛି । ଏହି ଠକେଇ ବନ୍ଦ ନ ହେଲେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ସମାବେଶରେ ଏ ନେଇ ବିକ୍ଷୋଭ କରାଯିବ ବୋଲି ହିନ୍ଦ୍ ମଜଦୁର ସଂଘର ରାଜ୍ୟ ଉପସଭାପତି କିଶୋର ଜେନା ଏଠାରେ କହିଛନ୍ତି ।

ମୟୂରଭଞ୍ଜ ଜିଲ୍ଲାରେ ଶାଳପତ୍ର ଏକ କୁଟୀର ଶିଳ୍ପରେ ପରିଣତ ହୋଇଥିବା ବେଳେ ଦୁଇଲକ୍ଷ ଲୋକ ବିଭିନ୍ନ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି । ବିଶେଷ କରି ଏହି ଜିଲ୍ଲାର ୯୦ ଭାଗ ଆଦିବାସୀ ଶାଳପତ୍ର ସଂଗ୍ରହ ନୀତି ପ୍ରଣୟନ କରାଯାଇଛି । ତେବେ ଏ ସବୁକୁ ଉଲ୍ଲଙ୍ଘନ କରି କେତେକ ଅସାଧୁ ବ୍ୟବସାୟୀ ବିନା ଟି.ଟି. ପରମିଟ୍‌ରେ ବର୍ଷ ଯାକ ଶାଳପତ୍ର ସଂଗ୍ରହ କରୁଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଶାଳପତ୍ର ତୋଳାଳିଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲେ ହେଁ ଉପଯୁକ୍ତ ମଜୁରୀ ପ୍ରଦାନ କରାଯାଉନଥିବା ଅଭିଯୋଗ ହେଉଛି । ବିଶେଷ କରି ଏ କ୍ଷେତ୍ରରେ କୌଣସି କଟକଣା ଜାରି କରାଯାଉନଥିବାରୁ ବ୍ୟବସାୟୀଙ୍କ ଶୋଷଣ ମନୋଭାବ ଦିନକୁ ଦିନ ବୃଦ୍ଧି ପାଉଛି । ବର୍ତ୍ତମାନ ଏହି ଅଞ୍ଚଳର ଅଧିକାଂଶ ଶାଳପତ୍ର ଶ୍ରମିକ ଦିନକୁ ମାତ୍ର ୧୦ ଟଙ୍କା ଲେଖାଏଁ ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି । ସରକାରଙ୍କ ନୀତି ଅନୁଯାୟୀ ୨୦୦୨-୨୦୦୩ ମସିହାରେ ୨୨,୮୦୦ ହଜାର ମେଟ୍ରିକ୍ ଟନ୍ ଶାଳପତ୍ର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ୨୦୦୩-୨୦୦୪ରେ ୧୨, ୭୦୦ ଓ ୨୦୦୪-୨୦୦୫ରେ ୧୨,୦୦୦ ମେଟ୍ରିକ୍ ଟନ୍ ଶାଳପତ୍ର ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି । ହଜାର ପ୍ରତି ୧୦ ଟଙ୍କା ଲେଖାଏଁ ମଜୁରୀ ପ୍ରଦାନ କରାଯାଉ ଥିବାରୁ ହଜାରରେ ୭ ଟଙ୍କା, ଗୋଟିଏ ମେଟ୍ରିକ୍ ଟନ୍‌ରେ ୪୨ ଲକ୍ଷ ଟଙ୍କା ଓ ୬ ହଜାର ମେଟ୍ରିକ୍ ଟନ୍‌ରେ ୨.୬୨ କୋଟି ଟଙ୍କା ଶୋଷଣ କରାଯାଉଛି । ସେହିପରି ଖଲିପତ୍ରରେ ମଧ୍ୟ ହଜାର ପ୍ରତି ୧୦୦ଟଙ୍କା ଶୋଷଣ କରାଯାଉଥିବାରୁ ପ୍ରତି ଟନ୍‌ରେ ୧୦ ଲକ୍ଷ ଓ ପ୍ରତି ଏକ ହଜାର ଟନ୍‌ରେ ୧ କୋଟି ଟଙ୍କା ତଥା ୬ ହଜାର ମେଟ୍ରିକ୍ ଟନ୍‌ରେ ୬କୋଟି ଟଙ୍କା ଶୋଷଣ ହେଉଥିବା ଅଭିଯୋଗ ହେଉଛି । ଏହି ୮.୬୨ କୋଟି ଟଙ୍କା ମାତ୍ର ୬ ମାସରେ ସଂଗ୍ରହ କରାଯିବା କଥା ମାତ୍ର ବର୍ଷଯାକ ଏହି ବ୍ୟବସାୟ ଚାଲିଥିବାରୁ ୧୬କୋଟି ଟଙ୍କା ପର୍ଯ୍ୟନ୍ତ ଶୋଷଣ କରାଯାଉଥିବା ଜଣା ପଡ଼ିଛି । ଗୋଟିଏ ପଟେ ଶିମିଳିପାଳ ଧ୍ୱଂସ ହେଉ ଯାଉଥିବା ବେଳେ ଆଦିବାସୀ ମାନେ ଅନ୍ୟପକ୍ଷରେ ଶୋଷିତ ହେଉଛନ୍ତି । ଏଣୁ ଜଙ୍ଗଲ ନୀତିରେ ପରିବର୍ତ୍ତନ ଆବଶ୍ୟକ ବୋଲି ମତପ୍ରକାଶ ପାଉଛି ।

*ସମ୍ବାଦ : ୭।୩।୦୫*

**କେନ୍ଦୁପତ୍ର : ରାଜ୍ୟକୁ ଅନେକ ସମସ୍ୟା ସାମନା କରିବାକୁ ପଡୁଛି ।**
**ଗୋଦାମ ସ୍ଥାନରେ ଅଭାବରୁ ୯୦୦୦ କ୍ୱିଣ୍ଟାଲ କେନ୍ଦୁପତ୍ର ବିଭିନ୍ନ ଜିଲ୍ଲାରେ ନଷ୍ଟ ହେଉଛି ।**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକ୍ରିୟାକରଣ ହୋଇନଥିବା କେନ୍ଦୁପତ୍ରର ଉତ୍ପାଦନ ବୃଦ୍ଧି ନିମନ୍ତେ ହୋଇଥିବା ନିଷ୍ପତ୍ତି ଜଙ୍ଗଲ ବିଭାଗକୁ ସଙ୍କଟରେ ପକାଇ ଦେଇଛି ।

ଯେଉଁ ଆଦିବାସୀ ପରିବାର ସେମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା । ଜଙ୍ଗଲ ବିଭାଗ କିପରି ଏହି ୫୦୦୦ କ୍ୱିଣ୍ଟାଲର ଲକ୍ଷ୍ୟ ପୂରଣ କରି ପାରିବ ସେଥିନେଇ ସନ୍ଦିହାନି ଅଛି । ଏହା ଗତ ବର୍ଷ ଉତ୍ପାଦନର ଦୁଇଗୁଣ ଅଟେ । ଏଥି ନିମନ୍ତେ ଚିନ୍ତା କରିବାର ଅନେକ କାରଣ ରହିଛି ଯଥା ମନ୍ଦ ବଜାର ବ୍ୟବସ୍ଥାରେ ପ୍ରକ୍ରିୟାକରଣ ହୋଇନଥିବା କେନ୍ଦୁପତ୍ର ନିମନ୍ତେ ଗେଦାମର ଅଭାବ ଏବଂ ଜଳବାୟୁ, ତୋଳାଳୀମାନେ ପଡୋଶୀ ରାଜ୍ୟ ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଆଦି ରାଜ୍ୟରେ ତୋଳିବାକୁ ପସନ୍ଦ କରୁଛନ୍ତି । କାରଣ ସେଠାରେ ସେମାନଙ୍କୁ ଅପେକ୍ଷାକୃତ ଭଲ ପଇସା ମିଳୁଛି । ମଙ୍ଗଳବାରଦିନ ସରକାରଙ୍କ ନିର୍ଦ୍ଦେଶପରେ ଜଙ୍ଗଲ ବିଭାଗ ବୁଧବାରଦିନ କାର୍ଯ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିଛନ୍ତି । ଗୋଛାକଟା, ପତ୍ରତୋଳା ଏବଂ କେନ୍ଦୁପତ୍ରକୁ (ପ୍ରକ୍ରିୟାକରଣ ହୋଇନଥିବା) ବସ୍ତାରେ ଭର୍ତ୍ତି କରିବା ପ୍ରକ୍ରିୟା ଅନ୍ୟୂନ ୬୫ ଦିନ ନେଇଥାଏ । ଏହାର ଅର୍ଥ ହେଲା ପ୍ରକ୍ରିୟାକରଣ ହୋଇନଥିବା କେନ୍ଦୁପତ୍ର ମେ ମାସ ୨୦ ତାରିଖ ସୁଦ୍ଧା ପ୍ରସ୍ତୁତ ହୋଇଥାଏ ।

ଜଙ୍ଗଲ ବିଭାଗର ଅଧିକାରୀମାନେ କହିବାନୁସାରେ ବିଭାଗ ଯେଉଁ ୧୬୦୦୦ କ୍ୱିଣ୍ଟାଲ ଉତ୍ପାଦାନ ବୃଦ୍ଧି କଥା ଦୃଷ୍ଟିରେ ରଖିଛି, ଏହି ପ୍ରକ୍ରିୟାର ନକାରାତ୍ମକ ଦିଗକୁ ଦୃଷ୍ଟିକୁ ନେଲେ ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ । ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଏହିଭଳି ଶେଷ ମୂହର୍ତ୍ତ ନିଷ୍ପତ୍ତି ଯୋଗୁଁ ପ୍ରାକ୍ ମୌସୁମୀ ବର୍ଷା ସମସ୍ତ ପ୍ରକ୍ରିୟାକୁ ନିଷ୍ଫଳ କରିଦେଇପାରେ । ପ୍ରକ୍ରିୟାକରଣ ହୋଇନଥିବା ପତ୍ରଗୁଡ଼ିକର ଗୋଦାମର ଅଭାବ ଏହି ଆଶଙ୍କାକୁ ଦ୍ୱିଗୁଣିତ କରିଛି ।

ଗୋଦାମ ଘରର ଅଭାବ ଯୋଗୁଁ ପ୍ରାୟ ୯୦୦୦ କ୍ୱିଣ୍ଟାଲ ପ୍ରକ୍ରିୟାକରଣ ହୋଇନଥିବା କେନ୍ଦୁପତ୍ର ବିଭିନ୍ନ ଗୋଦାମରେ ପଡି ନଷ୍ଟ ହେଉଅଛି । ମାଲକାନଗିରି ଜିଲ୍ଲାରେ ଉତ୍ପାଦନ ହେଉଥିବା କେନ୍ଦୁପତ୍ରର ଗୁଣମାନ ନିମ୍ନମାନର ଏବଂ କୌଣସି କ୍ରେତା ଏତେ ଦୂରକୁ ଯିବାକୁ ଚାହୁଁନାହାଁନ୍ତି । ଯେଉଁ ଅଞ୍ଚଳରେ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ନିମନ୍ତେ ପ୍ରସ୍ତାବ ରହିଛି, ସେଗୁଡ଼ିକ ହେଲା ଆଦିବାସୀ ଜିଲ୍ଲା ମାଲକାନଗିରି, ଖରିଆର ଏବଂ ନବରଙ୍ଗପୁରର ଦୁଇଟି ଡିଭିଜନ୍ । କେନ୍ଦୁପତ୍ରର ଚାହିଦା ଧିରେ ଧିରେ କମି ଯାଉଥିବାରୁ ରାଜ୍ୟରେ କେନ୍ଦୁପତ୍ର ବ୍ୟବସାୟ ସଙ୍କଟ ମଧ୍ୟ ଦେଇ ଗତି କରୁଛି । ଯେତେବେଳେ ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭାରତବର୍ଷରେ ହେଉଥିବା କେନ୍ଦୁପତ୍ର ଉତ୍ପାଦନର ୪୦ ଭାଗ ଉତ୍ପାଦନ କରିଥାନ୍ତି, ଓଡିଶାର ଭାଗ ହେଲା ମାତ୍ର ୧୪ ପ୍ରତିଶତ ।

ଭାରତବର୍ଷରେ ଓଡ଼ିଶା କେବଳ ଏକମାତ୍ର ରାଜ୍ୟ ଯେଉଁଠାରେ ପ୍ରକ୍ରିୟାକରଣ ହୋଇଥିବା କେନ୍ଦୁପତ୍ର ବ୍ୟବସାୟ କରାଯାଇଥାଏ । ପ୍ରକ୍ରିୟାକରଣ ହୋଇନଥିବା କେନ୍ଦୁପତ୍ରର ବ୍ୟବସାୟ ଏହାର ପଡୋଶୀ ରାଜ୍ୟମାନେ ଏକପ୍ରକାର ଛଡାଇ ନେଇଛନ୍ତି କହିଲେ ଚଳେ । ସେମାନଙ୍କର ଅଗ୍ରୀମ ବିକ୍ରି ଯୋଜନା ସଫଳ ହେଲା, ଯେତେବେଳେ ଏହା ଓଡ଼ିଶାରେ ଦରରେ ତାରତମ୍ୟ ହେତୁ ଚାଲିଲା ନାହିଁ ।

ଓଡ଼ିଶାରେ ୧୯ଟି କେନ୍ଦୁପତ୍ର ଡିଭିଜନ୍ ମଧ୍ୟରୁ ୧୬ଟିରେ ପ୍ରକ୍ରିୟାକରଣ ପତ୍ର କାରବାର ହେଉଥିବାବେଳେ ଅନ୍ୟ ୩ଟିରେ ପ୍ରକ୍ରିୟାକରଣ ହେଉନଥିବା ପତ୍ର କାରବାର ହୋଇଥାଏ ।

*ଇଣ୍ଡିଆନ୍ ଏକ୍ସପ୍ରେସ- ୧୯।୩।୦୫*

# 'ବାସଙ୍ଗ ବୃକ୍ଷ'ର ଔଷଧୀୟ ଗୁଣ

ଗାଁ ଗହଳିରେ ପ୍ରତ୍ୟେକ ବାଡ଼ି ବଗିଚାରେ ବାଡରେ ବାସଙ୍ଗଗଛ ଦେଖାଯାଏ । ଏହା ଏକ ଚିରହରିତ୍ ଗୁଳ୍ମ ଜାତୀୟ ଉଦ୍ଭିଦ । ଏହି ଉଦ୍ଭିଦର ଅନେକ ଶାଖା ପ୍ରଶାଖା ଥାଏ । ଏହି ଗଛକୁ ଗୋରୁ ଗାଇ ଛେଳିମେଣ୍ଢା ଖାଆନ୍ତି ନାହିଁ । ଫୁଲଗୁଡ଼ିକ ଗଛର ଗଣ୍ଠିଜାଗାରୁ ବାହାରିଥାଏ ଏବଂ ଏହା ଗୁଚ୍ଛା ଆକାରରେ ହୁଏ । ଏହି ଫୁଲର ରଙ୍ଗ କେତେକ ଗଛରେ ଧଳା ହୋଇଥିବା ବେଳେ ଅନେକ ଗଛରେ ତମ୍ବାଳିଆ ରଙ୍ଗର ହୋଇଥାଏ । ଫେବୃଆରୀ ରୁ ମାର୍ଚ୍ଚ ମାସ ମଧ୍ୟରେ ଏହି ଗଛରେ ଫଳ ଧରିଥାଏ । ଏହାର ପତ୍ର ଅଗଆଡ଼କୁ କ୍ରମଶଃ ମୁନିଆ ହୋଇଥାଏ । ଏହି ପତ୍ରର କୀଟନାଶକ ଗୁଣଥିବା ଯୋଗୁଁ ବିରି, କୋଳଥ, ମୁଗ ଆଦି ଡାଲିଜାତୀୟ ଦ୍ରବ୍ୟର ସଂରକ୍ଷଣ ନିମନ୍ତେ ଏହି ପତ୍ରକୁ ଗୋଳାଇ ରଖାଯାଇଥାଏ ।

ଶ୍ୱାସରୋଗର ନିଦାନ ନିମନ୍ତେ ବାସଙ୍ଗ ପତ୍ର ଅବ୍ୟର୍ଥ ଔଷଧଭାବେ ବ୍ୟବହାର କରାଯାଇଥାଏ । ଏଥିରେ ଥିବା ଏକପ୍ରକାର ଆଲ୍‌କାଲଏଡ୍ ଭାସିସାଇନ୍ ଶ୍ୱାସରୋଗର ନିଦାନ ନିମନ୍ତେ ଅତ୍ୟନ୍ତ ଉପଯୋଗୀ । ବାସଙ୍ଗପତ୍ରର ରସକୁ ମହୁ ସହିତ ସେବନ କଲେ ଶ୍ୱାସ ରୋଗ ଉପଶମ ହୋଇଥାଏ । ବାସଙ୍ଗପତ୍ରର ପ୍ରୟୋଗ ଫଳରେ କଫ ତରଳ ହୋଇ ବାହାରକୁ ବାହାରି ଯାଇଥାଏ । ଛୋଟ ପିଲାଙ୍କର ହୁପିଙ୍ଗ୍‌କଫ ବା ଲହରା କାଶରେ ବାସଙ୍ଗ ଚେରର କ୍ୱାଥ ଦେଢ଼ରୁ ଦୁଇ ଚାମଚ ଦିନକୁ ତିନିଥର ଖୁଆଇଲେ ସୁଫଳ ମିଳିଥାଏ ।

ବାସଙ୍ଗଫୁଲକୁ ଗୁଣ୍ଡକରି ଏଥିରେ ମିଶ୍ରି ମିଶାଇ କାଚ କିମ୍ବା ମାଟିପାତ୍ରରେ ରଖିଲେ ଏକପ୍ରକାର ସିରପ୍ ପ୍ରସ୍ତୁତ ହୋଇଥାଏ । ପ୍ରତ୍ୟହ ମାତ୍ରାନୁସାରେ ଏହି ସିରପ୍ ସେବନ କଲେ ଏହାଦ୍ୱାରା ପୁରାତନ ଶର୍ଦ୍ଦି କାଶରୋଗ ଓ ଯକ୍ଷ୍ମା ଆଦି ରୋଗ ନିବାରଣ ହୋଇଥାଏ ।

ଅର୍ଶରୋଗରୁ ଉପଶମ ନିମନ୍ତେ ବାସଙ୍ଗ ପତ୍ରରସ ସହିତ ଚନ୍ଦନ ଘୋରା ମିଶାଇ ସେବନ କରିବାକୁ ହୋଇଥାଏ । ଏହାକୁ ଏକ ସପ୍ତାହ ନିୟମିତ ସେବନକଲେ ରକ୍ତ ପଡ଼ିବା ବନ୍ଦ ହୋଇଥାଏ । ବ୍ରଣ ବା ବଥ ହୋଇଥିଲେ ବାସଙ୍ଗପତ୍ରକୁ ବାଟି ଲଗାଇଲେ ନୂଆ ଉଠିଥିବା ବ୍ରଣ ବା ବଥ ବସିଯାଇଥାଏ ।

ବାସଙ୍ଗପତ୍ରକୁ ସଫା କରି ଏହାର ରସ ବାହାର କରିବା ପରେ ଏଥିରେ ମହୁ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ନିୟମିତ ଭାବରେ ଖାଇଲେ ତଣ୍ଟି ପଡ଼ି ଯାଇଥିବା ରୋଗୀର ସ୍ୱର ସ୍ୱାଭାବିକ ହୋଇଥାଏ ।

କୌଣସି ସ୍ଥାନରେ ଅଘାତ ଲାଗି ବ୍ୟଥା ହେଉଥିଲେ ବାସଙ୍ଗପତ୍ର ରସ ସହ ସମାନ ପରିମାଣରେ ରାଶି କିମ୍ବା ସୋରିଷ ତେଲ ମିଶାଇ ଫୁଟାଇବାକୁ ହୋଇଥାଏ । ଏହି ଫୁଟା ତେଲକୁ ଏକ ରଙ୍ଗୀନ କାଚ ବୋତଲରେ ରଖିବାକୁ ହୋଇଥାଏ । ଏହି ତେଲକୁ ନିୟମିତ ବ୍ୟଥା ହେଉଥିବା ସ୍ଥାନରେ ମାଲିସ କଲେ ଉପଶମ ମିଳିଥାଏ ।

ଅନେକ ଦିନ ଧରି ଶୁଖୁନଥିବା ଘା'କୁ ବାସଙ୍ଗପତ୍ର ସିଝିଥିବା ପାଣିରେ ଧୋଇ ସେଥିରେ ପତ୍ରର ଚୁନା ପଟି ବାନ୍ଧିଲେ ଏହା ଅଳ୍ପ ଦିନରେ ଶୁଖିଥାଏ ।

ପ୍ରତିଦିନ ବାସଙ୍ଗପତ୍ର ରସ ଏକ ଚାମଚ, ଅଦା ରସ ଏବଂ ମହୁ ପ୍ରତ୍ୟେକରୁ ଏକ ଚାମଚ ମିଶାଇ ଖାଇଲେ ରକ୍ତହୀନତା ଦୂର ହେବା ସଙ୍ଗେ ସଙ୍ଗେ ଶରୀର ସତେଜ ହୋଇଥାଏ ।

ରକ୍ତମୂତ୍ର ରୋଗରେ ବାସଙ୍ଗପତ୍ରକୁ ପୋଡ଼ି ସେହି ପତ୍ରପୋଡ଼ା ରସରେ ଦୁଇଗୁଣ ମହୁ ମିଶାଇ ଖାଇବାକୁ ହୋଇଥାଏ । ଏହିଭଳି କିଛିଦିନ ଖାଇଲେ ରକ୍ତମୂତ୍ର ରୋଗରୁ ଉପଶମ ମିଳିଥାଏ ।

ଦାନ୍ତରୋଗ ଓ ମାଢ଼ିରୁ ରକ୍ତ କ୍ଷରଣ ହେଉଥିଲେ ଶୁଖିଲା ବାସଙ୍ଗପତ୍ରକୁ ଗୁଣ୍ଡକରି ସେହି ଗୁଣ୍ଡକୁ ନିୟମିତ ଭାବରେ ଦାନ୍ତ ଘସିଲେ ସୁଫଳ ମିଳିଥାଏ । ନିୟମିତ ଭାବରେ ଘଷିଲେ ଦାନ୍ତ ଓ ମାଢ଼ି ଶକ୍ତ ହୋଇଥାଏ ।

ବାସଙ୍ଗମୂଳ ଛାଲିର କ୍ୱାଥ୍‌କୁ ମହୁ ସହ ମିଶାଇ ଖାଇଲେ ରକ୍ତପିତ୍ତ ରୋଗ ଜନିତ ଦୁର୍ବଳତା, ପାଟି ଦୁର୍ଗନ୍ଧ ଓ ମୂର୍ଚ୍ଛା ଆଦିରୁ ମୁକ୍ତି ମିଳିଥାଏ ।

କାନ ଓ ନାକରୁ ରକ୍ତ ବାହାରୁଥିଲେ ବାସଙ୍ଗପତ୍ର ରସ ଟୋପାଏ ପକାଇଲେ ପାଞ୍ଚ ଛଅ ଦିନ ପରେ ଏହା ବନ୍ଦ ହୋଇଥାଏ । ବାସଙ୍ଗପତ୍ର ରସ ନାକରେ ପକାଇବା ଫଳରେ ଆଖି ପରିଷ୍କାର ହେବା ସହ ନାକ ମଧ୍ୟରେ ହୋଇଥିବା ପିନସ ରୋଗ ମଧ୍ୟ ଭଲ ହୋଇଥାଏ ।

ବାସଙ୍ଗପତ୍ର ରସ ସହ ଅଳ୍ପ ମହୁ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ଖାଇଲେ ରକ୍ତପିତ୍ତ ଓ ସ୍ତ୍ରୀ ଲୋକମାନଙ୍କର ପେଟରେ ହେଉଥିବା ବାୟୁ ନଷ୍ଟ ହୋଇଥାଏ ।

ଅଗିଆବାତ ହୋଇଥିବା ରୋଗୀର ଦେହ ଫୁଲି ଯାଇ କୁଣ୍ଡାଇ ହେଉଥିଲେ ବାସଙ୍ଗ ପତ୍ରକୁ କ୍ୱାଥ କରି ଦିନକୁ ଦୁଇଥର ଫୁଲାସ୍ଥାନମାନଙ୍କରେ ବାମ୍ଫ ଦେବ । ଏହିଭଳି ବାମ୍ଫଦୁଇ ଚାରିଦିନ ଦେଲେ ଫୁଲା କମିଯାଏ ଏବଂ କୁଣ୍ଡାଇ ହେବାରୁ ମଧ୍ୟ ଉପଶମ ମିଳିଥାଏ । ଚର୍ମରୋଗ ହୋଇଥିବା ସ୍ଥାନରେ କଅଁଳିଆ ବାସଙ୍ଗପତ୍ରକୁ ଗୋରୁମୂତ୍ର ସହିତ ବାଟି ଲେପଦେଲେ ଏଥିରୁ ଉପଶମ ମିଳିଥାଏ । ଏହିଭଳି ଚିକିତ୍ସା ଦଶରୁ ପନ୍ଦର ଦିନ କରିବାକୁ ହୋଇଥାଏ ।

# ଓଡ଼ିଶା ସରକାର
## ଜଙ୍ଗଲ ଓ ପରିବେଶ ବିଭାଗ

ନଂ ୬୬୯୦/ ଏଫ୍ ଆଣ୍ଡ୍ ଇ, ଭୁବନେଶ୍ୱର ତା।୧୩।୦୪।୨୦୦୫ ୫ଏଫ୍ (ସି) ୧୫/୦୫

ପ୍ରେରକ:
ଶ୍ରୀଯୁକ୍ତ ଏନ୍.କେ.ବର୍ମା।
ସରକାରଙ୍କର ଯୁଗ୍ମ ସଚିବ,

ପ୍ରାପ୍ତେଷୁ:
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା।

ବିଷୟ: ୨୦୦୪-୦୫ ବର୍ଷ ନିମନ୍ତେ ଶାଳପତ୍ର ନୀତି ପ୍ରବର୍ତ୍ତନ - ରୟାଲଟି ଧାର୍ଯ୍ୟ ସମ୍ବନ୍ଧେ

ମହାଶୟ,
ଆପଣଙ୍କ ପତ୍ର ସଂଖ୍ୟା ୨୧୭୫୮ ତା ୨୯।୯।୦୪ରେ ଦେଇଥିବା ପ୍ରସ୍ତାବକୁ ଭିତ୍ତିକରି ସରକାରଙ୍କର ନିର୍ଦ୍ଦେଶ ମୁତାବକ ମୁଁ ଅବଗତ କରାଉଛି ଯେ ସରକାର ଯତ୍ନର ସହ ବିଚାର କରି ଶାଳପତ୍ରର ରୟାଲଟି ୨୦୦୪-୦୫ ସଂଗ୍ରହ ବର୍ଷରେ କ୍ୱିଣ୍ଟାଲ ପିଛା ୬୦ ଟଙ୍କା ଧାର୍ଯ୍ୟ କରିଛନ୍ତି ଏବଂ ଏହାକୁ ତୁରନ୍ତ ଲାଗୁ କରିଛନ୍ତି।

ପରିବହନ ପରମିଟ୍ ବଳରେ ଜିଲ୍ଲା ବାହାରକୁ ଯାଉଥିବା ଶାଳପତ୍ର ଥାଳି, ଦୋନା ଓ ଅନ୍ୟାନ୍ୟ ଦ୍ରବ୍ୟ ଉପରେ ଏହି ରୟାଲଟି ପଞ୍ଜିକୃତ ସଂଗ୍ରହକାରୀଙ୍କଠାରୁ ପରିବହନ ପରମିଟ୍ ଜାରୀ ସମୟରେ ଏକ ସଙ୍ଗେ ବନଖଣ୍ଡ ଅଧିକାରୀ ଅଥବା ତାଙ୍କଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ସଂଗ୍ରହ କରାଯିବ।

ଅଧିକନ୍ତୁ, ଏହି ବିଭାଗର ନିଷ୍ପତ୍ତିନାମା ସଂଖ୍ୟା ୧୬୭୪୪ ତା ୨୭।୯।୨୦୦୨ରିଖ ବଳରେ ପ୍ରବର୍ତ୍ତିତ ଶାଳପତ୍ର ସଂଗ୍ରହ ନୀତି ତା୩୦।୯।୦୫ରିଖରେ ଶେଷ ହେଉଥିବା ଚଳିତ ସଂଗ୍ରହ ବର୍ଷରେ ବଳବତ୍ତର ରହିବ।

ଆପଣଙ୍କର ବିଶ୍ୱସ୍ତ
ସରକାରଙ୍କର ଯୁଗ୍ମ ସଚିବ

## ଲଘୁବନଜାତ ଦ୍ରବ୍ୟଗୁଡ଼ିକର ପ୍ରଚଳିତ ବଜାର ଦର

(ତା ୨୮।୪।୨୦୦୫ରେ ସଂଗୃହୀତ) (କିଲୋ ପ୍ରତିଦର ଟଙ୍କାରେ)

| ବଜାର/ଦ୍ରବ୍ୟ | କଣ୍ଟାବାଞ୍ଜି | ବ୍ରହ୍ମପୁର | କଳାହାଣ୍ଡି | କୋଲକତା | ନୂଆଦିଲ୍ଲୀ |
|---|---|---|---|---|---|
| ଅଁଳା (ପ୍ରକ୍ରିୟାକରଣ ହୋଇଥିବା) | ୨୨.୦୦ | ୨୬.୦୦ | ୨୦.୦୦ | ୩୫.୦୦ | ୩୫.୦୦ |
| ହରିଡ଼ା | ୨.୦୦ | ୩.୦୦ | ୨.୦୦ | ୪.୦୦-୫.୦୦ | ୮.୫୦ |
| ବାହାଡ଼ା | -- | ୪.୦୦ | ୧.୦୦ | ୭.୦୦ | ୭.୦୦ |
| ତେନ୍ତୁଳି | ୬.୦୦ | ୬.୦୦ | ୬.୦୦ | ୮.୦୦ | ୮.୦୦ |
| ମହୁଲ ଫୁଲ | ୫.୦୦ | ୫.୦୦ | ୬.୦୦ | ୬.୦୦ | ୫.୦୦ |
| ମହୁଲ ମଞ୍ଜି | ୬.୦୦ | ୬.୦୦ | -- | ୮.୦୦ | ୯.୦୦ |
| ଫୁଲ ଝାଡୁ | ୩୨.୦୦ | ୩୦.୦୦ | ୧୧.୦୦ | ୩୫.୦୦ | ୪୦.୦୦ |
| ଧାତକି ଫୁଲ | -- | -- | -- | ୬.୦୦ | ୧୦.୦୦ |
| ସର୍ପଗନ୍ଧା | ୧୧୦.୦୦ | ୧୩୦.୦୦ | -- | ୧୪୦.୦୦ | ୧୭୦.୦୦ |
| ଶିଆଳିପତ୍ର | ୬.୦୦ | ୬.୦୦ | ୫.୦୦ | -- | -- |

## ଗ୍ରାହକ ଅପେକ୍ଷାରେ...



ମହୁଲ ସଂଗ୍ରହକାରୀ ଆଦିବାସୀମାନେ ମହୁଲ ବିକ୍ରୟ କରିବାକୁ ଏକାଠି ହୋଇଛନ୍ତି ।

# ଝାଡ଼୍‌ଦାର୍

ଅପ୍ରେଲ୍-୨୦୦୫

(କେବଳ ଘରୋଇ ପ୍ରସାରଣ ନିମିତ୍ତ)

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
(ଆର୍.ସି.ଡି.ସି.)
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୭୮୧୩/୨୫୪୭୫୮୫/୨୫୪୭୮୯୭
Website : www.banajata.org

ବଲାଙ୍ଗୀର ଅଫିସ୍
ଆର୍.ସି.ଡି.ସି.
କୋଶଳ ନଗର, ବଲାଙ୍ଗୀର-୭୬୭୦୦୨
ଫୋନ୍-୦୬୬୫୨-୨୫୧୧୨୧

ନବରଙ୍ଗପୁର ଅଫିସ୍
ଆର୍.ସି.ଡି.ସି.
ମଦର ଟେରେସା ମାର୍ଗ
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨

କୋରାପୁଟ ଅଫିସ୍
ଆର୍.ସି.ଡି.ସି.
ପୁଜାରୀପୁଟ୍
କୋରାପୁଟ-୭୬୪୦୨୦

କଳାହାଣ୍ଡି ଅଫିସ୍
ଆର୍.ସି.ଡି.ସି.
ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
ଫୋନ୍-୦୬୬୭୦-୨୩୩୯୪୯

ରାୟପୁର ଅଫିସ୍
ଆର୍.ସି.ଡି.ସି.
ଶଙ୍କର ନଗର, ରାୟପୁର-୪୯୨୦୦୭
ଫୋନ୍-୦୭୭୧-୨୪୪୩୨୭୩